THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ରବିବାର ମ୍ୟାଗାଜିନ୍

ରବିବାର,୨୩ ଫେବୃଆରୀ, ୨୦୨୫



ମନୋରଞ୍ଜନ

କିମ୍ବଦନ୍ତୀ ନାୟିକା ରେଖା ଓ 'କ୍ରିସ୍-୪'

# ଦେବ ଦେବ ମହାଦେବ



# ସ୍ୱାମୀ ବିବେକାନନ୍ଦ

୨୭

■ ମନୋଜ କୁମାର ମହାପାତ୍ର



ବାଲ୍ୟକାଳରେ ବିଲେ (ସ୍ୱାମୀ ବିବେକାନନ୍ଦଙ୍କର ନାମ) ମାତା, ପିତାଙ୍କ ଅଗୋଚରରେ ଗରିବ, ଭିକାରି, ସାଧୁମାନଙ୍କୁ ଘରୁ ବିଭିନ୍ନ ଖାଦ୍ୟ, ବସ୍ତ୍ର ନେଇଆସି ବାଣ୍ଟି ଦେଉଥିଲେ। ମାତା ବିରକ୍ତିରେ ଚିଡ଼ିଉଠି କହୁଥିଲେ, 'ଧିକ୍ ମୋ ଜୀବନ, ଶିବ ପୂଜିଥିଲି ପୁତ୍ର ପାଇଁ। ଶିବ ପଠାଇଦେଲେ ଗୋଟିଏ ଦୁଷ୍ଟ ଅସୁର।' ଏହି କଥା ଶୁଣି ଜଣେ ବୃଦ୍ଧା ସେହି ସମୟରେ କହିଥିଲେ, 'ଭୁବନେଶ୍ୱରୀ ତୁ ଭୁଲ୍ ବୁଝିଛୁ। ବିଲେ ଶିବଙ୍କ ଅଂଶରେ ଜନ୍ମ। ମୁଁ ଭାବୁଛି ସେ ହିଁ ନିଜେ ଶିବ।' ମାତା ଭୁବନେଶ୍ୱରୀ ଦେବୀ ନିରବ ରହିଥିଲେ। ସାଥୀମାନଙ୍କ ସହ ଧ୍ୟାନ କରିବାର କ୍ରୀଡ଼ା କୌତୁକ କରୁଥିବା ସମୟରେ ସେ ସତରେ ହେଉଥିଲେ ଧ୍ୟାନମଗ୍ନ। ବିଷାକ୍ତ ନାଗସାପ ତାଙ୍କ ଚତୁଃପାର୍ଶ୍ୱରେ ଘୂରି ଚାଲି ଯାଉଥିଲେ ବି ସେ ଜାଣିପାରୁ ନଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ବାଲ୍ୟ ଜୀବନରୁ ଜଣାପଡ଼ିଥିଲା ଶିବଙ୍କର ମହାତ୍ୟାଗ ଭାବ। ପରିବ୍ରାଜକ ଜୀବନରେ ମହୀଶୁରର ମହାରାଜା ଚାହିଁଥିଲେ ସ୍ୱାମିଜୀଙ୍କୁ କିଛି ଟଙ୍କା ଦାନ କରିବା ପାଇଁ। ସ୍ୱାମିଜୀ ସବୁକିଛି ପ୍ରତ୍ୟାଖ୍ୟାନ କରିଥିଲେ। ମହାରାଜାଙ୍କର କାଳେ ମନ ଦୁଃଖ ହେବ ଭାବି ସୁନ୍ଦର ହୁକ୍କାଟିଏ କେବଳ ସାଙ୍ଗରେ ଆଣିଥିଲେ। ସେ ହୁକ୍କାଟିକୁ ମଧ୍ୟ ମାନ୍ଦ୍ରାଜ ଅବସ୍ଥାନ ସମୟରେ ଏକ ରୋଷେୟାକୁ ଦେଇ ଦେଇଥିଲେ। ସଂସାରର କୌଣସି ବସ୍ତୁ ତାଙ୍କୁ ପ୍ରଲୋଭିତ କରିନାହିଁ।

ଧନକୁବେର, ଆମେରିକା ଦେଶରେ କାହିଁକି ବା କିଛି ତାଙ୍କୁ ପ୍ରଲୋଭିତ କରିବ ? ଯିଏ ସର୍ବତ୍ୟାଗୀ ଏବଂ ସବୁ ବିଷପାନ କରି ନୀଳକଣ୍ଠ ସାଜିଛନ୍ତି ଜଗତର କଲ୍ୟାଣ ପାଇଁ, ତାଙ୍କୁ କିଏ ବା ଧନ ଓ କ୍ଷମତାରେ ବଶୀଭୂତ କରିପାରିବ ? ଧନ ପ୍ରାଚୁର୍ଯ୍ୟ ଯେପରି କରିପାରିନଥିଲା ବଶୀଭୂତ, ସେହିଭଳି ଆମେରିକାରେ ଅବସ୍ଥାନ ସମୟରେ ଭୟ ତାଙ୍କୁ ଆଚ୍ଛାଦିତ କରିନଥିଲା। ସେ ନିର୍ଭୀକ। ସ୍ୱାର୍ଥ ମାନବକୁ ଭୟାଳୁ କରିଦିଏ। କିନ୍ତୁ ଯାହାର ପ୍ରାଣ ନିଃସ୍ୱ ଦରିଦ୍ର ପାଇଁ କ୍ରନ୍ଦନରତ, ତାଙ୍କୁ ଭୟ ବା କ'ଣ କରିପାରିବ ? ଜାତିଧର୍ମର ଗଣ୍ଡିଭିତରେ ସୀମାବଦ୍ଧ ନ ରହି ସତ୍ୟକୁ ଜନ ସମ୍ମୁଖରେ ଉପସ୍ଥାପନ କରୁଥିଲେ। ତାଙ୍କର ନିର୍ଭୀକ ଆଚରଣକୁ ଲକ୍ଷ୍ୟକରି ଚିକାଗୋ ସ୍ଥିତ ସୁନାମଧନ୍ୟ ଅଜ୍ଞେୟବାଦୀ ରବର୍ଟ ଇଙ୍ଗରସୋଲ୍ କହିଥିଲେ, 'ଆପଣ ଯେପରି ଧର୍ମ ଓ ଲୋକାଚାରକୁ ନିର୍ଭୀକ ଭାବେ ସମାଲୋଚନା କରୁଛନ୍ତି, ଯଦି ଆପଣ ପଚାଶ ବର୍ଷ ପୂର୍ବରୁ ଏହି ଦେଶକୁ ଧର୍ମପ୍ରଚାର କରିବା ପାଇଁ ଆସିଥାନ୍ତେ, ତେବେ ନିଶ୍ଚିତଭାବେ ଫାଶୀଖୁଣ୍ଟରେ ଆପଣଙ୍କୁ ଝୁଲାଇ ଦିଆହୋଇଥାନ୍ତା, ନଚେତ ଜାଳିପୋଡ଼ି ଆପଣଙ୍କୁ ମାରିଦିଆ ଯାଇଥାନ୍ତା।' ଏଥିରୁ ସ୍ୱାମିଜୀଙ୍କର ନିର୍ଭୀକତା ବେଶ୍ ଜଣାପଡ଼େ।

ପ୍ରଶ୍ନଉଠେ ସ୍ୱାମିଜୀ କାହିଁକି ନିର୍ଭୀକ ହେବେ ନାହିଁ ? ସେ ନିଜ ପାଇଁ ଆମେରିକା ଆସିନାହାନ୍ତି। ସେ ଯାହା କହୁଛନ୍ତି, ତାଙ୍କର ନିଜସ୍ୱ ଚିନ୍ତାଧାରା ନୁହେଁ। ଏକ ଭଗବତଶକ୍ତିର କ୍ରୀଡ଼ନକ। ସେ ଭୟ କରିବେ କାହିଁକି ? ଏହି ସମ୍ବନ୍ଧରେ ସ୍ୱାମିଜୀ କଥା ଛଳରେ କହିଛନ୍ତି- 'କାଲି କେଉଁ ବିଷୟରେ ବକ୍ତୃତା ଦେବି ଏବଂ କ'ଣ କହିବି ? ସେସବୁ ଘନ ରାତ୍ରିର ନିସ୍ତବ୍ଧତା ଭିତରୁ ଉପଲବ୍ଧି କରିପାରୁଥିଲି। ସତେକି କିଏ ଜଣେ ଖୁବ୍ ଦୂରରୁ କହୁଛି - କିମ୍ବା ତାଙ୍କ ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ବକ୍ତୃତା ଦେଉଛି ଅଥବା ମୁଁ ଏକ ଶ୍ରୋତାଭାବେ ଶୋଇରହି ଶୁଣୁଛି କିମ୍ବା ଦୁଇଟି ସ୍ୱର ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ତର୍କ କରି ଭିନ୍ନ ମତ ପୋଷଣ କରୁଛନ୍ତି।' ଯାହାସବୁ ଘନରାତ୍ରର ଗଭୀରତା ଭିତରେ ମୁଁ ଶୁଣୁଥିଲି, ସେଇଆ ହିଁ ଘଟେ ଆଗାମୀ କାଲିର ବକ୍ତୃତା ସଭାରେ। କି ଆଶ୍ଚର୍ଯ୍ୟ ଘଟଣା !!

ସବୁ ସେହି ଭଗବାନ ଶ୍ରୀ ରାମକୃଷ୍ଣଙ୍କର ମହାଶକ୍ତିର ଯାଦୁ, ଯାହା ସ୍ୱାମିଜୀଙ୍କ ହୃଦୟରେ ନିରବଚ୍ଛିନ୍ନ ଥିଲା କାର୍ଯ୍ୟରତ। ସ୍ୱାମିଜୀ ମଧ୍ୟ ଅନୁଭବ କରୁଥିଲେ ନିଜ ଭିତରେ ଏକ ପ୍ରଚଣ୍ଡଶକ୍ତି ଯଦ୍ୱାରା କୌଣସି ବ୍ୟକ୍ତିକୁ ସ୍ପର୍ଶ କରିବା ମାତ୍ରେ ପରିବର୍ତ୍ତିତ ହୋଇଯାଉଥିଲା ତା'ର ଜୀବନ। ଅନେକ ଦୂରରେ ଘଟୁଥିବା କୌଣସି ଘଟଣାକୁ ସ୍ପଷ୍ଟଭାବେ ସେ ଦେଖିପାରୁଥିଲେ। ଆମେରିକାର ଅନେକ ଶିଷ୍ୟ ସ୍ୱାମିଜୀଙ୍କର ଏତାଦୃଶ ପ୍ରଚଣ୍ଡ ଯୋଗଶକ୍ତି ଓ ମାନସଶକ୍ତିକୁ ଉପଲବ୍ଧି କରିଥିଲେ। ଚିକାଗୋ ସ୍ଥିତ ଏକ ଧନୀକ ବ୍ୟକ୍ତି ଏକଦା ସ୍ୱାମିଜୀଙ୍କର ଯୋଗଶକ୍ତି ଉପରେ ସନ୍ଦେହ ପ୍ରକାଶକରି କହିଥିଲେ, 'ସ୍ୱାମିଜୀ, ଆପଣଙ୍କର ଯୋଗଶକ୍ତି ଯଦି ସତ୍ୟ, ତାହେଲେ ମୋର ମାନସିକ ଅବସ୍ଥା ଓ ଅତୀତ ଜୀବନ ସମ୍ବନ୍ଧରେ କିଛି କୁହନ୍ତୁ।' ସ୍ୱାମିଜୀ ତା'ର ଅବାଞ୍ଛିତ ଆହ୍ୱାନକୁ ଏଡ଼େଇ ଦେଲେ ମାତ୍ର କିନ୍ତୁ ପରମୁହୂର୍ତ୍ତରେ ସେହି ଧନୀକ ବ୍ୟକ୍ତିଙ୍କୁ ଅପଲକ ନୟନରେ ସ୍ଥିର ହୋଇ ଚାହିଁ ରହିଲେ। ଏକ ଅଖଣ୍ଡ ଶକ୍ତି ନିର୍ଗତ ହୋଇ ଉକ୍ତ ଧନୀକ ବ୍ୟକ୍ତି ସର୍ବାଙ୍ଗରେ ତୀକ୍ଷ୍ଣ ଶର ଭଳି ଭେଦକଲା। ଲୋକଟି ଭୟଭୀତ ହୋଇ କହିଉଠିଲା, 'ସ୍ୱାମିଜୀ ଆପଣ କ'ଣ କରୁଛନ୍ତି ? ମୋର ଆତ୍ମା ମନ୍ଥିତ ହୋଇ ଜୀବନର ଅତୀତ ରହସ୍ୟ ଉଦ୍‌ଭାସିତ ହୋଇଉଠୁଛି ଯେ।' ସ୍ୱାମିଜୀ ଶାନ୍ତ ହେଲେ। ସେ ହତଭାଗା ଜାଣିନାହିଁ ସେ କାହାକୁ ପରୀକ୍ଷା କରିବାକୁ ଚାହୁଁଛି ? ସ୍ୱାମିଜୀଙ୍କ ଭିତରେ ରହିଛି ସେହି ଅନନ୍ତ ଭଗବତଶକ୍ତି ଯାହା ଅନ୍ତିମ ସମୟରେ ଅର୍ପଣ କରି ଶ୍ରୀ ରାମକୃଷ୍ଣ ଫକିର ହୋଇଯାଇଥିଲେ। (କ୍ରମଶଃ)

**ମୋ-୯୯୩୭୨୯୭୦୩୯**

# କୁମ୍ଭ

● ଉତ୍କଳାନନ୍ଦ ଅଜୟ କୁମାର ବେହେରା

କୁମ୍ଭକାର ନଥିଲେ କୁମ୍ଭ ସମ୍ଭବ ନଥାନ୍ତା। କୁମ୍ଭକୁ ଆକାର କରିଛନ୍ତି ବୋଲି ନାମ ତାଙ୍କର କୁମ୍ଭକାର ବା କୁମ୍ଭ ସ୍ରଷ୍ଟା ହିଁ କୁମ୍ଭକାର। କୁମ୍ଭ ବିନା ମାଟି ପିଣ୍ଡୁଳା ଆଉ ଘୂର୍ଣ୍ଣୟମାନ ଚକ୍ର ନଥିଲେ ସୁନ୍ଦର କୁମ୍ଭ ହୋଇ ନପାରେ। ମାଟି ପିତୁଳା ଘୂର୍ଣ୍ଣୟମାନ ଚକ୍ର ସହିତ କାହାରି ଶ୍ରମ ଓ କାରିଗରୀ ଜ୍ଞାନ ନଥିଲେ କୁମ୍ଭ ସମ୍ଭବ ବି ହୋଇ ନପାରେ। କୁମ୍ଭକାରଙ୍କ ପୁଣି ଇଷ୍ଟ ରୁଦ୍ରପାଳ ଅଛନ୍ତି ରୋଦନ ଉଚ୍ଚ ସ୍ୱରରେ କରୁଥିବା ବ୍ୟକ୍ତିର ନାମ ରୁଦ୍ର। ଏହି କ୍ରନ୍ଦନକାରୀକୁ କେମିତି ଶାନ୍ତି କରାଯାଇପାରିବ ଏକଥା ଯେ ନିର୍ବାହ କରିଥାନ୍ତି ତାଙ୍କ ନାମ ରୁଦ୍ରପାଳ।

ଚକ୍ର ମଧ୍ୟରେ ଅନେକ ଚକ୍ର ଥିଲେ ବି ପ୍ରଥମ ଚକ୍ର ଜ୍ଞାନଚକ୍ର ଦେଖିଲେ ବୁଝାପଡୁଛି ସପ୍ତବାର ସତ ଅରଯୁକ୍ତ ଏକ ଚକ୍ର ସପ୍ତାହରେ ଥରେ ଭୋଗ ପାଇଁ ଆସୁଛି। ଏମିତି ଅଛି ଘଣ୍ଟାର ୦ରୁ ୦ ବା ୦ରୁ ୧୨ରେ ଚିହ୍ନିତ ଘଣ୍ଟା ଚିହ୍ନ ଏହା ଦିନରେ ଦୁଇଥର ଘୁରୁଛି। ମାତ୍ର ଏଇ ୧୨-୧୨ରେ ମିନିଟ କଣ୍ଟା ସେକେଣ୍ଡ ଘଣ୍ଟା ୬୦-୬୦ କ୍ରମରେ ଚକ୍ର ଲଗାଉଛନ୍ତି। ଏପରି ବଡ଼ ଚକ୍ର ସମୟରେ ଯୁଗ ମନ୍ୱନ୍ତର, କଳ୍ପମାନ ଆସେ। ରାଶି ପାଇଁ ନକ୍ଷତ୍ର ପାଇଁ ଚକ୍ର ଅଛି। ରାଶିଚକ୍ରରେ ୧୨ ମୁଖ୍ୟ ଅରରେ ୨୭ ଆନୁସଙ୍ଗିକ ଅର ଓ ୧୦୮ ସୂକ୍ଷ୍ମ ଅର ଅଛି। ଏହି ରାଶିଚକ୍ର ଜାଗା ମାରୁଛନ୍ତି ସବୁଗ୍ରହ। ସୂକ୍ଷ୍ମ ବିଚାର କଲେ ଗ୍ରହଙ୍କ ପରିକ୍ରମ ମାର୍ଗ ହିଁ ରାଶିଚକ୍ରର ନାଟକ ସ୍ଥଳୀ। ୧୨ ରାଶିରେ କୁମ୍ଭ ଏକ ରାଶି। ଯେ ୯ପାଦ ବା ୯ଥର ବିଶିଷ୍ଟ ୩୦ ଅଂଶର ବୃତ୍ତ ଖଣ୍ଡରେ ଅଛି। ଏଥିରେ ୩ଟି ନକ୍ଷତ୍ର ରହିଲେ ବି ୨ଟି ଭଗ୍ନ ପାଦ କ୍ଷେତ୍ର ଧନିଷ୍ଠାର ୨ ପାଦ ଓ ପୂର୍ବଭଦ୍ରପାଦର ୩ ପାଦ ମାତ୍ର ମଧ୍ୟରେ ଶତଭିଷା ନକ୍ଷତ୍ର ଯାହାର ନାମ ବାରୁଣୀ ନକ୍ଷତ୍ର। ବାରୁଣୀର ୨ଟି ଅର୍ଥ ମଦ୍ୟ ଓ ଅମୃତ ସମୁଦ୍ର ମନ୍ଥନ ବେଳେ ମଦ୍ୟ, ଅସୁର ପାଇଥିଲେ। ଅମୃତ ଦେବତା ପାଇଥିଲେ। ଅମୃତ ମାନେ ସୋମ। ସୋମ ଯେ ପାନ କରନ୍ତି ତାଙ୍କୁ ସୋମପା କହନ୍ତି। ମଦ୍ୟପାୟୀ ମାନେ ମଦ୍ୟପ ମହିଷାସୁର ନିପାତ ବେଳ ଉପସ୍ଥିତ ବେଳେ ସ୍ୱର୍ଗରୁ ଦେବୀ ମାଆଙ୍କୁ ସ୍ୱର୍ଗରୁ ସୋମ ଢ଼ଳା ଗଲାବେଳେ ଯୁଦ୍ଧରେ ଉତ୍ତେଜନା ପାଇଁ ମହିଷା ଉପରେ ମଦ୍ୟ ଢଳା ଯାଉଥିଲା। ଏଇ ବାରୁଣୀ ନକ୍ଷତ୍ର ଯାହାର ମାଲିକ ବରୁଣ। ସାଗର, ସାଗର ମନ୍ଥନର ଦ୍ରବ୍ୟ ମଧ୍ୟରୁ ଅନ୍ୟତମ। ତାମସିକ ଶକ୍ତି ସାତ୍ତ୍ୱିକ ଶକ୍ତି ତିନି ପ୍ରବୃତ୍ତି ଓ ନିବୃତ୍ତି ମାର୍ଗ ଚାଳକମାନେ ଏହି ସାଗର ମନ୍ଥନ କରି ଏଇ ଦୁର୍ଲ୍ଲଭ ଦ୍ରବ୍ୟ ପାଇଥିଲେ।

ଚକ୍ର ଉଦ୍ଭାବକ ମନୁଷ୍ୟ କରିଛି ଆଶ୍ଚର୍ଯ୍ୟ ଭାବରେ କେବଳ ଏହି କାଳଚକ୍ର ଗତି ଦିନରାତ୍ରୀ ଋତୁ ପରିବର୍ତ୍ତନ ଦେଖି ଦେଖି। ଭଗବାନ ବିଶ୍ୱକର୍ମା ବାହାର କରିଥିଲେ କୁନ୍ଦଯନ୍ତ୍ର ଓ ରୁଦ୍ରପାଳ ପାତ୍ର ଗଢ଼ିବା ପାଇଁ କୁମ୍ଭାର ଚକ୍ର। ତା'ପରେ ମନୁଷ୍ୟ ଖଟାଇ ପୁଣି ଲେଦ ମେସିନ ହେଲା। ଫାଦର ଅବ ଅଲମେସିନ। କାଳଚକ୍ର ଘୂର୍ଣ୍ଣନରେ ରବି ଚନ୍ଦ୍ର ସହିତ ଅନ୍ୟ ଗ୍ରହ ଘୁରୁଛନ୍ତି। ଏ ମଧ୍ୟରେ ବୃହସ୍ପତି ୧୨ ବର୍ଷରେ ରବି ଏକ ବର୍ଷରେ ଚନ୍ଦ୍ର ଚନ୍ଦ୍ରମାନ ୧ ମାସରେ, ବାହ୍ୟ ସ୍ୱତ୍ୟ ସମ୍ବସ୍ତରରେ ବୃହସ୍ପତି ସୌରମାନରେ ସୂର୍ଯ୍ୟ ଚନ୍ଦ୍ରମାନରେ ଚନ୍ଦ୍ର ଭ୍ରମଣରେ ରହନ୍ତି। ୪ଟି ସ୍ଥିର ରାଶି ଅଛି ବୃଷ, ସିଂହ, ବିଛା ଓ କୁମ୍ଭ ଏଇ ୪ ରାଶିର ବୃହସ୍ପତି ୩ ବର୍ଷ ପରେ ଏକ ବର୍ଷ ପାଇଁ ରହନ୍ତି। ଏ ପାଇଁ ପ୍ରୟାଗରେ ବୃଷସ୍ଥ ବୃହସ୍ପତି, ଏମିତି ବାର ବର୍ଷରେ ଥରେ ଆସେ। ବୃହସ୍ପତିଙ୍କର ଅସ୍ତବକ୍ରୀ



ବାଲ୍ୟବୃଦ୍ଧ ଏମିତି ଅବସ୍ଥା ଅଛି। ବୃହସ୍ପତି ଠାରୁ ରବି ୫ମ ହେଲେ ବକ୍ର, ୯ମ ହେଲେ ବକ୍ରମୁକ୍ତ ଏ ପାଇଁ ବୃଷ ବୃହସ୍ପତି ବେଳେ ମକର ରବିରେ ଉତ୍ତରାୟଣରେ କୃଷ୍ଣ ଅମାବାସ୍ୟାରୁ କୃଷ୍ଣ ଅମାବାସ୍ୟା ଏ ମଧ୍ୟରେ ଆସିବା ସହିତ ମକର ସଂକ୍ରାନ୍ତି ସରସ୍ୱତୀ ପୂଜା ଆଦିରେ ଶାହୀ ସ୍ନାନ କରାଯାଏ। ଅମୃତ ଘଟ ଯୋଗୁଁ ଅମୃତ ସ୍ନାନ ମୃତ କିଏ ? ସେ କେମିତି ଅମୃତ ପାୟୀ ହେ ଜୀବନ୍ତ ହେବ ଏହି ଭାବନା ମନୁଷ୍ୟ ମନରେ ଉଙ୍କିମାରେ। ମୃତ ସେହି ବ୍ୟକ୍ତି ଯେ କାୟିକ ବାଚିକ ଓ ମାନସିକ ସ୍ତରରେ ଭ୍ରମପୂର୍ଣ୍ଣ କାର୍ଯ୍ୟରତ ଅଛନ୍ତି। କାୟିକ ଅର୍ଥାତ୍ ଶରୀର ସମ୍ବନ୍ଧୀୟ ଗୁରୁପତ୍ନୀ ହରଣ ସ୍ୱ କନ୍ୟାପରି ଯୁବତୀ ପରି ଦୁଷ୍କର୍ମରତ। ବିବାହିତ ହୋଇ ଅନ୍ୟ ନାରୀ ସହିତ ସମ୍ପର୍କ ରଖିଥିଲେ। ସ୍ୱ ଜାତି ଛାଡ଼ି ଅନ୍ୟ ଜାତି ବା ଉଚ୍ଚ ବର୍ଗର ହୋଇ ନିମ୍ନ ବର୍ଗ ବା ନିମ୍ନ ବର୍ଗ ହୋଇ ଉଚ୍ଚ ବର୍ଗ କନ୍ୟା ସହିତ ବିବାହିତ ପୁଣି କ୍ଷଣିକ ସୁଖ ପାଇଁ ବେଶ୍ୟା ସଙ୍ଗ କରିଥିବ। ଯୁବାବସ୍ଥାରେ ବୃଥା ଶୁକ୍ରକ୍ଷୟ କରିଥିବା ପାପଗର୍ଭ କରିଥିବ ଗର୍ଭଭଙ୍ଗ କରିଥିବା ଭ୍ରୁଣହତ୍ୟା କରିଥିବ ଏଇ ମାନଙ୍କର ତାରଣ ଏପରି ଅମୃତ ସ୍ନାନରେ ଶୁଭପ୍ରଦ ହୁଏ। ବାଚିକ-କଥାର ଭୁଲ ମାର୍ଗରୁ ବ୍ୟକ୍ତିର ଅନେକ କ୍ଷତି ହୋଇଥାଏ। କଥାରେ ଉଗ୍ରତା, ଉଚିତ ବେଳେ ଉଚିତ କଥା ନକହିବା, ସଭାରେ ମିଥ୍ୟା କହିବା, ମିଥ୍ୟା ସାକ୍ଷରରେ କାହାକୁ ଦଣ୍ଡ ଦିଆଇବା, ଠକି କରି ଅର୍ଥ ରୋଜଗାର କରିବା। ଦୟା ଏହି ବୃତ୍ତିରେ କୌଣସି ପୁରୁଷକୁ ଭ୍ରଷ୍ଟାନାରୀ କୁଳଟା ନାରୀ, ସହିତ ବିବାହ ଦେବା, କୌଣସି ଝିଅକୁ ମଦ୍ୟପ ଠକ ନଷ୍ଟ ଚରିତ୍ରକୁ ଭଲ କହି ବିବାହ ଦେବା। କର୍କଶ କଥା କହିବା ଆଦି କାର୍ଯ୍ୟ ବାଚକ ପାପ। ଏସବୁ କୁମ୍ଭ ସ୍ନାନରେ ଖଣ୍ଡନ ହୁଏ। ସଜା ଗୁରୁମନ୍ତ୍ର ପ୍ରଭୁ ନାମ ନେଇ ଅନେକଙ୍କୁ ଲୋକ ଠକନ୍ତି ଏସବୁ ଭୟଙ୍କର ୪ଟି ଏଥିରୁ ନିବୃତ୍ତି ମଧ୍ୟ କୁମ୍ଭ ସ୍ନାନରେ ମିଳେ। ମାନସିକ, ମାନସିକ ଅସ୍ଥିରତା, ମନଭଙ୍ଗ କାହାକୁ ମନେ ମନେ ଭଲ ପାଇବା ପାଇଁ ଆଗତ ଜଟିଳ ସମସ୍ୟା ଯହିଁରେ ମନ ଭଲ ଓ ଠକ ସ୍ତର ଚାକିରୀ ବିଦ୍ୟା ଚେଷ୍ଟା ଦ୍ୱାରା ନ ମିଳି ଥିଲେ ଗୃହରେ ଦୁଷ୍ଚରିତ୍ର ଘଟଣା, ଅନେକ ହାନି, ଋଣ କରି ସର୍ବସ୍ୱ ହରାଇବା ଆଦି ଯୋଗୁ ମାନସ ଚିନ୍ତାର ଆଘାତ ପାପ ଏଥିରେ ଖଣ୍ଡନ ହୁଏ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଦେବ ଦେବ ମହାଦେବ



**ଶିବ ଦେବତାମାନଙ୍କ ମଧରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ମହା ଶିବରାତ୍ରି ବା ଜାଗରରେ ତାଙ୍କୁ ପୂଜିଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।**


ମୃତ୍ୟୁର ଭୟ ଉପରେ ବିଜୟ ଲାଭ ନିମନ୍ତେ ଯେଉଁ ମନ୍ତ୍ର ପାଠ କରାଯାଏ ତାହାକୁ କୁହାଯାଏ ମହା ମୃତ୍ୟୁଞ୍ଜୟ ମନ୍ତ୍ର। ହିନ୍ଦୁ ଶାସ୍ତ୍ରରେ ଯେଉଁ ତ୍ରିମୂର୍ତ୍ତିଙ୍କୁ ପରଂବ୍ରହ୍ମଙ୍କର ତିନିଗୁଣ ଭାବେ ପୂଜା କରାଯାଏ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର। ବ୍ରହ୍ମା ସତ୍ ଗୁଣର ପ୍ରତୀକ ହୋଇଥିବାବେଳେ ବିଷ୍ଣୁଙ୍କୁ ରଜ ଏବଂ ଶିବଙ୍କୁ ତମ ଗୁଣର ପ୍ରତୀକ ଭାବେ ଆରାଧନା କରାଯାଏ। ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା, ବିଷ୍ଣୁ ହେଉଛନ୍ତି ପାଳନକର୍ତ୍ତା ଏବଂ ଶିବ ହେଉଛନ୍ତି ସଂହାର କର୍ତ୍ତା। ଶାସ୍ତ୍ର କହେ ଯେ ଗୁଣର ମୃତ୍ୟୁ ନାହିଁ, ଶରୀରର ମୃତ୍ୟୁ ଭୟ ରହିଛି। ଗୁଣକୁ ବିଚାର କରି ଆତ୍ମାର ମୁକ୍ତି କିମ୍ବା ପୁନର୍ଜନ୍ମ ହୋଇଥାଏ। ଆତ୍ମା ଶରୀର ମାଧ୍ୟମରେ ପୁନର୍ଜନ୍ମ ନିଏ। ଆତ୍ମାର ଯଦି ମୁକ୍ତି ହୋଇଯାଏ ତେବେ ଆଉ ପୁନର୍ଜନ୍ମ ହୁଏନାହିଁ। ଶିବ ସଂହାରକର୍ତ୍ତା ହୋଇଥିବାରୁ ଜୀବନଚକ୍ରକୁ ନିୟନ୍ତ୍ରଣ କରିବାର ଶକ୍ତି ତାଙ୍କର ଅଛି। ତେଣୁ ତାଙ୍କୁ ଶକ୍ତି ବୋଲି ମଧ୍ୟ କୁହାଯାଏ। ତେଣୁ ଶିବଙ୍କ ଆରାଧନା ସହିତ ଶକ୍ତିର ଆରାଧନା ମଧ୍ୟ କରାଯାଏ। ତାଙ୍କୁ ମଧ୍ୟ ମହାଦେବ, ମହା ମୃତ୍ୟୁଞ୍ଜୟ, ମହାଯୋଗୀ, ପଶୁପତି, ନଟରାଜ, ଭୈରବ ଏବଂ ବିଶ୍ୱନାଥ ଆଦି ବହୁ ନାମରେ ପୂଜା କରାଯାଏ। ଅଳ୍ପକେ ସନ୍ତୁଷ୍ଟ ହେଉଥିବାରୁ ତାଙ୍କୁ ମଧ୍ୟ ଆଶୁତୋଷ କୁହାଯାଏ। କୈଳାସ ହେଉଛି ତାଙ୍କର ଆବାସ। ତେଣୁ ତାଙ୍କୁ ମଧ୍ୟ କୈଳାସପତି କୁହାଯାଏ। ଶିବ ହଠାତ୍ କୋପ କରନ୍ତି ଏବଂ ଶାନ୍ତ ହେବାକୁ ସମୟ ନିଅନ୍ତି ନାହିଁ। ସେ କେତେବେଳେ ତୁଷ୍ଟ ଏବଂ କେତେବେଳେ ରୁଷ୍ଟ ତାହା ଜାଣିବା ମଧ୍ୟ ସହଜ ନୁହେଁ। ସେ ନୃତ୍ୟ ପ୍ରବୀଣ ହୋଇଥିବାରୁ ତାଙ୍କର ନାମ ନଟରାଜ।

ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଶିବଙ୍କୁ ଲିଙ୍ଗ ଭାବେ ପୂଜା କରିବା ପଛରେ ଦକ୍ଷପତ୍ନୀଙ୍କର ଅଭିଶାପ ରହିଛି। ଦକ୍ଷ ହେଉଛନ୍ତି ସତୀଙ୍କ ପିତା ଏବଂ ଶିବଙ୍କ ଶ୍ୱଶୁର। ଶିବଙ୍କ ଉପରେ କୋପ କରି ସେ ଏକ ଯଜ୍ଞର ଆୟୋଜନ କଲେ ଏବଂ ସେହି ଯଜ୍ଞକୁ ଶିବଙ୍କୁ ନିମନ୍ତ୍ରଣ କରିନଥିଲେ। ଏଥିରେ କ୍ଷୁବ୍ଧ ହୋଇ ସତୀ ପିତାଙ୍କ ଯଜ୍ଞସ୍ଥଳକୁ ଆସି ତାଙ୍କ ସ୍ୱାମୀଙ୍କୁ କାହିଁକି ନିମନ୍ତ୍ରଣ କରାଗଲା ନାହିଁ ବୋଲି ପିତାଙ୍କୁ ପ୍ରଶ୍ନ କରିବାରୁ ଦକ୍ଷ ଶିବଙ୍କୁ ନିନ୍ଦାକରି ବହୁ ଅପଶବ୍ଦ ପ୍ରୟୋଗ କଲେ। ଏଥିରେ କ୍ଷୁବ୍ଧ ହୋଇ ସତୀ ନିଜକୁ ଆହୁତି ଦେଲେ। ସତୀଙ୍କ ମୃତ୍ୟୁ ଖବର ପାଇ ଶିବ ଉଭୟ ଶୋକ ଏବଂ କ୍ରୋଧରେ ପ୍ରଜ୍ୱଳିତ ହୋଇ ଆସି ଯଜ୍ଞସ୍ଥଳରେ ପହଞ୍ଚିବାରୁ ତାଙ୍କର କ୍ରୋଧକୁ ଉପଶମ କରିବା ନିମନ୍ତେ ଦକ୍ଷଙ୍କ ପତ୍ନୀ ତାଙ୍କୁ ପୂଜା କରିବା ନିମନ୍ତେ ଥାଳି ସହିତ ଶିବଙ୍କ ସମ୍ମୁଖରେ ଉଭା ହୋଇଯିବାରୁ ଶିବ ରାଗିଯାଇ ନିଜର ଲିଙ୍ଗ ଦେଖାଇ ତାହାକୁ ପୂଜା କରିବା ପାଇଁ କହିଲେ। ଏଥିରେ ଦକ୍ଷପତ୍ନୀ ଅପମାନିତ ଏବଂ ଲଜ୍ଜିତ ହୋଇ ଶିବଙ୍କୁ ଅଭିଶାପ ଦେଇ କହିଲେ ଯେ ଆଜିଠାରୁ ଶିବଙ୍କ ଲିଙ୍ଗକୁ ପୂଜା କରାଯିବ। କେତେକ ଶାସ୍ତ୍ରବିତ୍ ଏହା ମଧ୍ୟ କୁହନ୍ତି ଯେ ତାଙ୍କର କୌଣସି ରୂପ ନଥିବାରୁ ତାଙ୍କୁ ଲିଙ୍ଗ ଭାବେ ପୂଜା କରାଯାଏ। ଆଉ କେହି କୁହନ୍ତି ଯେ ଶିବ ଏବଂ ଶକ୍ତି ହେଉଛନ୍ତି ସୃଷ୍ଟିର ପ୍ରଥମ ପିତା ଏବଂ ମାତା। ତେଣୁ ସେମାନଙ୍କୁ ଗୋଟିଏ ସ୍ଥାନରେ ପୂଜା କରାଯାଏ।

ଶିବଙ୍କୁ ସନ୍ତୁଷ୍ଟ କରି ମୃତ୍ୟୁ ଭୟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଏ ତାହାର ସୁନ୍ଦର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ କରାଯାଇଛି। ତପସ୍ୱୀ ମୃକାଣ୍ଡୁ ନିଃସନ୍ତାନ ଥିବାରୁ ସନ୍ତାନ ପ୍ରାପ୍ତି ଆଶାରେ ସେ ଏବଂ ତାଙ୍କର ପତ୍ନୀ ମରୁଦେବୀ ଶିବଙ୍କୁ ସନ୍ତୁଷ୍ଟ କରି ତାଙ୍କଠାରୁ ବର ପ୍ରାପ୍ତି ନିମନ୍ତେ କଠୋର ବ୍ରତ ପାଳନ କଲେ। ଶିବ ସେମାନଙ୍କୁ ପ୍ରଶ୍ନ କଲେ ଯେ, ସେମାନେ ମାତ୍ର ୧୬ ବର୍ଷ ବଞ୍ଚିବା ସହ ଆଧ୍ୟାତ୍ମିକ ଗୁଣ ସଂପନ୍ନ ପୁତ୍ର ଚାହୁଁଛନ୍ତି ନା ଦୁଷ୍ଟ ପ୍ରକୃତିର ଦୀର୍ଘାୟୁ ପୁତ୍ର ଚାହୁଁଛନ୍ତି। ଋଷି ଦମ୍ପତି ଅଳ୍ପାୟୁ ଆଧ୍ୟାତ୍ମିକ ଗୁଣ ସଂପନ୍ନ ପୁତ୍ର ମାଗୁଣି କଲେ। କିଛି ଦିନ ପରେ ମରୁଦେବୀ ଏକ ପୁତ୍ର ପ୍ରସବ କଲେ ଏବଂ ସେହି ପୁତ୍ରର ଆୟୁଷ ମାତ୍ର ୧୬ବର୍ଷ ବୋଲି ଗଣନାରୁ ଜଣାଗଲା। ସେହି ପୁତ୍ରର ନାମ ସେମାନେ ମାର୍କଣ୍ଡେୟ ରଖିଲେ। ମାର୍କଣ୍ଡେୟ ପିତାଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଲାଭ କରି ମାତ୍ର ୮ ବର୍ଷ ବୟସରେ ସବୁ ଶାସ୍ତ୍ରରେ ଧୁରୀଣ ହୋଇଗଲେ।







ପିତାଙ୍କ ପରାମର୍ଶ କ୍ରମେ ସେ ପ୍ରତିଦିନ ନିଷ୍ଠାର ସହ ଶିବଙ୍କୁ ପୂଜା କରୁଥିଲେ। ମାର୍କଣ୍ଡେୟ ୧୬ବର୍ଷରେ ପଦାର୍ପଣ କରିବାର କିଛି ଦିନ ପୂର୍ବରୁ ଉଭୟ ପିତାମାତା ଅତି ବିମର୍ଷ ମନରେ ଦିନ ବିତାଉଥିବା ଲକ୍ଷ୍ୟ କରି ଏହାର କାରଣ ସଂପର୍କରେ ସେମାନଙ୍କୁ ଜିଜ୍ଞାସା କରିବାରୁ ସେମାନେ କାରଣଟି କହିଲେ।

ତାଙ୍କୁ ଠିକ୍ ୧୬ବର୍ଷ ପୂରିବା ଦିନ ପ୍ରାତଃ ସମୟରୁ ସେ ଯାଇ ଏକ ଶିବ ମନ୍ଦିରରେ ଆଶ୍ରୟ ନେଲେ। ଶିବ ଲିଙ୍ଗକୁ ଧରି ଧ୍ୟାନସ୍ଥ ହୋଇ ସେ ଜପ ଆରମ୍ଭ କରିଦେଲେ। ଯମଙ୍କ ଦୂତମାନେ ଆସି ତାଙ୍କ ଶରୀରରୁ ଆତ୍ମାକୁ ନେଇଯିବାକୁ ଉଦ୍ୟମ କରିବା ବେଳେ ସେ ସାତ୍ତ୍ୱିକ ଭାବ ସହ ଶିବଙ୍କ ଲିଙ୍ଗକୁ ଜୋରରେ ଜାବୁଡ଼ି ଧରିଲେ ଏବଂ ଯେଉଁ ମନ୍ତ୍ରରେ ସେ ଶିବଙ୍କୁ ଜପ କଲେ ତାହା ଥିଲା ମହାମୃତ୍ୟୁଞ୍ଜୟ ମନ୍ତ୍ର। ସେହି ମନ୍ତ୍ରଟି ହେଉଛି ଓଁ ହୁଂ ହୁଂ ସାହେ ଓଁ ଭୂର୍ଭୁବଃ ସ୍ୱ। ଓଁ ତ୍ରୟମ୍ବକମ୍ ଯଜା ମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍। ଅର୍ଥାତ୍ ଆମେ ସେହି ତ୍ରିଲୋଚନ ଶିବଙ୍କୁ ପୂଜା କରୁଛୁ ଯାହାଙ୍କର ଦୟାର ସୁଗନ୍ଧ ଚର୍ତୁଦିଗରେ ବିଛୁରିତ ହୋଇପଡ଼ିଛି ଏବଂ ଯିଏ ହେଉଛନ୍ତି ଭକ୍ତର ରକ୍ଷକ। ପରିପକ୍ୱ ହୋଇଥିବା ଫୁଟି କାକୁଡ଼ି ଯେପରି ସହଜରେ ବୃନ୍ତଚ୍ୟୁତ ହୋଇଯାଏ ଠିକ୍ ସେହିପରି ଭାବେ ତାଙ୍କୁ ପୂଜାକଲେ ଆମେ ମୃତ୍ୟୁଭୟକୁ ଜୟ କରି ଅମରତ୍ୱ ଲାଭ କରି ପାରିବୁ। ହେ ପ୍ରଭୁ, ମୋକ୍ଷ ପ୍ରାପ୍ତି ନିମନ୍ତେ ଆପଣ ମତେ ଦୟା କରନ୍ତୁ ଏବଂ ମୃତ୍ୟୁର କରାଳ ଭୟରୁ ରକ୍ଷା କରନ୍ତୁ। ଶିବଙ୍କ ଉପରେ ମାର୍କଣ୍ଡେୟ ଏପରି ତଲ୍ଲୀନ ଥିଲେ ଯେ ଯମଙ୍କ ଦୂତମାନେ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ଶରୀରରୁ ଆତ୍ମାକୁ ନେଇପାରିଲେ ନାହିଁ। ଯମଙ୍କ ନିକଟକୁ ଫେରିଯାଇ ସେମାନେ ନିଜର ଏହି ଅସୁବିଧା କଥା କହିବାରୁ ଯମ ନିଜେ ମାର୍କଣ୍ଡେୟଙ୍କ ଆତ୍ମାକୁ ନେଇଯିବା ନିମନ୍ତେ ଆସିଲେ। କିନ୍ତୁ ଯମ ଆସି କ'ଣ ଦେଖୁଛନ୍ତି ? ମାର୍କଣ୍ଡେୟ ଧ୍ୟାନସ୍ଥ ଶିବ ଲିଙ୍ଗକୁ ଜାବୁଡ଼ି ଧରି ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଚାଲିଛନ୍ତି। ଯମଙ୍କ ମନରେ ପ୍ରବଳ କ୍ରୋଧ ଉପୁଜିଲା ଏବଂ ସେ ମାର୍କଣ୍ଡେୟଙ୍କ ଆତ୍ମାକୁ ନେବା ନିମନ୍ତେ ତାଙ୍କ ନାକ ଉପରେ ନିଜର ଫାଶ ନିକ୍ଷେପ କଲେ। ଫାଶ କିନ୍ତୁ ଲିଙ୍ଗ ଚାରିପାଖେ ଗୁଡ଼େଇ ହୋଇଗଲା। ଏହି ସମୟରେ ଲିଙ୍ଗଟି ଦୁଇଭାଗ ହୋଇଗଲା ଏବଂ ତାହା ମଧ୍ୟରୁ ପ୍ରଭୁ ଶିବ ବାହାରି ଆସିଲେ। ତାଙ୍କର ତିନି ଚକ୍ଷୁରୁ କ୍ରୋଧାଗ୍ନି ନିର୍ଗତ ହେଉଥିଲା। ଏହା ଦେଖି ଯମ ମଧ୍ୟ ନିଜର କର୍ତ୍ତୃତ୍ୱ ଜାହିର କରିବା ନିମନ୍ତେ ଫାଶକୁ ଟିକେ ଦୂରକରି ଫିଙ୍ଗିଲେ। ଶିବ ଯମଙ୍କର ଏହି ଅହଂକାର ଦେଖି କ୍ରୋଧରେ ପ୍ରଜ୍ୱଳିତ ହୋଇ ଏକ ଶକ୍ତ ଗୋଇଠା ପକାଇଲେ। ଫଳରେ ମୃତ୍ୟୁର ଦେବତା ଯମଙ୍କର ମୃତ୍ୟୁ ହୋଇଗଲା। ଏହା ଦେଖି ଅନ୍ୟ ଦେବତାମାନେ ଯମଙ୍କୁ ଜୀବନଦାନ ଦେବା ନିମନ୍ତେ ଶିବଙ୍କୁ ପ୍ରାର୍ଥନା କରି କହିଲେ ଯେ ଏହା ନହେଲେ ସୃଷ୍ଟିର ନିୟମରେ ବିଭ୍ରାଟ ଘଟିଯିବ।




ସେମାନଙ୍କ ପ୍ରାର୍ଥନାରେ ତୁଷ୍ଟ ହୋଇ ଶିବ ଯମଙ୍କୁ ଜୀବଦାନ ଦେବା ସହିତ ମାର୍କଣ୍ଡେୟଙ୍କୁ ଅମରବର ପ୍ରଦାନ କରି ତାଙ୍କୁ କୈଳାସର ପ୍ରଭୁ ଭାବେ ଅବସ୍ଥାପିତ କଲେ। ଏଥି ସହିତ ଶିବ କହିଲେ ଦେଖ ମହା ମୃତ୍ୟୁଞ୍ଜୟ ମନ୍ତ୍ର ମାର୍କଣ୍ଡେୟଙ୍କୁ ରକ୍ଷାକଲା।

ଶିବଙ୍କୁ ଏହି ମନ୍ତ୍ର ଅର୍ପଣ କରାଯାଇ ତାଙ୍କୁ ମହାମୃତ୍ୟୁଞ୍ଜୟ କୁହାଯାଇଛି। ଋଗ୍‌ବେଦର ସପ୍ତମ ମଣ୍ଡଳ ୫୯ ଶ୍ଳୋକରେ ଏହା ସ୍ଥାନ ପାଇଛି। ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ଏହି ମନ୍ତ୍ର ଲେଖାଯାଇଛି। ମନ୍ତ୍ରର ଏକାଦଶ ପଦରେ ଏହାର ଆରମ୍ଭ ହୋଇଛି। ପ୍ରକୃତିର ପାଞ୍ଚ ଶକ୍ତିର ବର୍ଣ୍ଣନା କରାଯାଇଛି। ଏମାନଙ୍କୁ ମରୁତ କୁହାଯାଏ। ଏମାନଙ୍କୁ ରୁଦ୍ରଙ୍କର ସନ୍ତାନ ଭାବେ ବର୍ଣ୍ଣନା କରାଯାଇଛି। ମରୁତ ବାୟୁ, ପବନ ଝଡ଼ ଏବଂ ବାଦଲକୁ ନିୟନ୍ତ୍ରଣ କରନ୍ତି। ତେଣୁ



ଆକାଶର ଆଲୋକ ମଧ୍ୟ ଏଥିରୁ ସୃଷ୍ଟ। ଏମାନଙ୍କର ଧ୍ୱଂସ କରିବାର ଶକ୍ତି ରହିଛି। ଏମାନେ ମଧ୍ୟ ଗୃହକୁ ରକ୍ଷା କରନ୍ତି। ପଞ୍ଚ ପ୍ରକୃତି ମଧ୍ୟରେ ସମନ୍ୱୟ ରହିଲେ ଶାନ୍ତି ଏବଂ ସୁରକ୍ଷା ରହେ। ପ୍ରକୃତିର ଏହି ଶକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପରେ ବଶିଷ୍ଠ ଶେଷ ପଦରେ ଯେଉଁ ମନ୍ତ୍ର ଗାନ କରିଛନ୍ତି ତାହା ହେଉଛି ମହା ମୃତ୍ୟୁଞ୍ଜୟ ମନ୍ତ୍ର। ଏହାର ଅନେକ ନାମ ରହିଛି। କେହି କେହି ଏହାକୁ ରୁଦ୍ର ମନ୍ତ୍ର କହିଥାନ୍ତି। ଆଉ କେହି ମଧ୍ୟ ଏହାକୁ ତ୍ର୍ୟମ୍ବକମ୍ ମନ୍ତ୍ର କହିଥାଆନ୍ତି। ଅନେକ ସମୟରେ ଏହାକୁ ମୃତ ସଂଜିବନୀ ମନ୍ତ୍ର ମଧ୍ୟ କୁହାଯାଏ। କାରଣ ଏହାକୁ ପାଠକଲେ ଜୀବନ ପ୍ରାପ୍ତି ହୋଇଥାଏ। ରାକ୍ଷସଙ୍କର ଗୁରୁ ଶୁକ୍ର ତପସ୍ୟା କରି ଏହା ପ୍ରାପ୍ତ ହୋଇଥିଲେ ବୋଲି କୁହାଯାଏ। ଏହି ମନ୍ତ୍ର ବଳରେ ସେ ଯୁଦ୍ଧରେ ପ୍ରାଣ ହରାଇଥିବା ରାକ୍ଷସମାନଙ୍କୁ ଜୀବଦାନ ଦେଇପାରୁଥିଲେ। ଦେବତାମାନେ ମଧ୍ୟ ଏହି ମନ୍ତ୍ର ଜାଣିନଥିବାରୁ ଏହାକୁ ଶିକ୍ଷା କରିବା ନିମନ୍ତେ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର କଚ୍ଛ ଛଦ୍ମବେଶରେ ଶୁକ୍ରଙ୍କ ନିକଟକୁ ଆସି ତାଙ୍କର ଶିଷ୍ୟ ହୋଇ ମୃତ୍ୟୁ ସଂଜିବନୀ ମନ୍ତ୍ର ଶିକ୍ଷା କରିଥିଲେ। ବେଦଜ୍ଞ ମୁନିଋଷିମାନେ ଏହି ମହା ମୃତ୍ୟୁଞ୍ଜୟ ମନ୍ତ୍ରକୁ ବେଦର ହୃଦୟ ବୋଲି କହିଥାଆନ୍ତି। ଗାୟତ୍ରୀ ମନ୍ତ୍ର ସହିତ ଏହାକୁ ଜପ କଲେ ଧ୍ୟାନ ଦୃଢ଼ ହୁଏ ଏବଂ ଅପାର ଶାନ୍ତି ଲାଭ ହୋଇଥାଏ। ଏହି ମନ୍ତ୍ରକୁ ଜପ କଲେ ଜୀବଶକ୍ତିର ପୁନର୍ବିନ୍ୟାସ ହୁଏ। ସ୍ୱାସ୍ଥ୍ୟ ଅତୁଟ ରହେ। ଦୀର୍ଘ ଜୀବନ ଲାଭ ହୁଏ। ଶାନ୍ତି, ପ୍ରଗତି ଏବଂ ସନ୍ତୋଷ ମିଳିଥାଏ। ଯୁଗ ଯୁଗ ଧରି ଏହି ମନ୍ତ୍ର ପରାଶକ୍ତି ସହିତ ଜୀବାତ୍ମାକୁ ସଂଯୋଗ କରିଆସିଛି। ଏହାକୁ ଜପ କଲେ ବାୟୁ ମଣ୍ଡଳରେ ସକାରାତ୍ମକ ଶକ୍ତିର ସଂଚାର ହୁଏ। ଜପ କରୁଥିବା ବ୍ୟକ୍ତିର ଚାରିପଟେ ଏକ ଆଧ୍ୟାତ୍ମିକ କବଚ ସୃଷ୍ଟି କରିଥାଏ। ଏହା ମଧ୍ୟ କୁହାଯାଏ ଯେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କଲେ ଅସାଧ୍ୟ ରୋଗ ଭଲ ହୋଇଯାଏ। ମୃତ୍ୟୁର ଭୟରୁ ଏହି ମନ୍ତ୍ର ବ୍ୟକ୍ତିକୁ ରକ୍ଷା କରିବା ସହିତ ଅନ୍ତରାତ୍ମା ସହିତ ଯୋଡ଼ିଦିଏ। ଆମ ଭିତରେ ଥିବା ଶିବଙ୍କୁ ଏହା ଜାଗ୍ରତ କରେ ଏବଂ ଜୀବନ ମୃତ୍ୟୁ ଚକ୍ରରୁ ଆତ୍ମାକୁ ମୁକ୍ତ କରିଥାଏ। ଏହା ମୋକ୍ଷ ପ୍ରଦାନ କରେ। ପରମାତ୍ମା ସହିତ ଜୀବାତ୍ମାର ମହା ମିଳନ ଘଟାଇ ପୁନର୍ଜନ୍ମରୁ ରକ୍ଷା କରେ।

**ମହାଶିବରାତ୍ରୀ ଓ ପ୍ରଭୁ ଶ୍ରୀଲିଙ୍ଗରାଜ**

କିମ୍ବଦନ୍ତୀ କୁହେ ଯେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଲିଙ୍ଗରାଜଙ୍କୁ ଦର୍ଶନ କରାଯାଏ, ନଚେତ ତୀର୍ଥଯାତ୍ରା ଅପୂର୍ଣ୍ଣ ରହିଯାଏ। ଏହି ମନ୍ଦିର ନିର୍ମାଣ କରିବାକୁ ୫୦୦ବର୍ଷରୁ ଅଧିକ ସମୟ ଲାଗିଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପରି ଅବିକଳ ଦେଖାଗଲେ ବି ଏହାର ଉଚ୍ଚତା ସାମାନ୍ୟ ଅଧିକ ଥିବା ଜଣାଯାଏ । ମନ୍ଦିରର ଗର୍ଭଗୃହରୁ ୫୫ମିଟର(୧୮୦ଫୁଟ୍) ଉଚ୍ଚତା ଲିଙ୍ଗରାଜ ମନ୍ଦିରରେ ଅନେକ କୁଶଳୀ କାରିଗର ଅନେକ ଶ୍ରମ ଦେଇ ଯେଉଁ କୃତୀକମ କାମ କରିଯାଇଛନ୍ତି, ଆଜି ବି ସେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି ।

ଲିଙ୍ଗରାଜ ମନ୍ଦିରର ଆକୃତି ପଞ୍ଚରେଖା ଦେଉଳ ସଦୃଶ । ପୂର୍ବଦିଗରେ ସିଂହଦ୍ୱାର, ଉତ୍ତର ଓ ଦକ୍ଷିଣ ଦିଗରେ ଆଉ ଅନ୍ୟ ଦୁଇଟି ଦ୍ୱାର ରହିଛି । ଲିଙ୍ଗରାଜ ମନ୍ଦିର ଚାରି ଭାଗରେ ବିଭକ୍ତ ଯଥା ବିମାନ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପ । ଏହି ପ୍ରାଚୀନ କଳାକିର୍ତ୍ତୀରେ ଲିଙ୍ଗରାଜ ଓ ପାର୍ବତୀ ମନ୍ଦିରର ସ୍ଥାପତ୍ୟ କଳା ସବୁଠାରୁ ଆକର୍ଷଣୀୟ ।

ଲିଙ୍ଗରାଜଙ୍କ ବାବଦରେ ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା, କପିଳ ସଂହିତା, ଶୈବ ଚିନ୍ତାମଣି, ଶୈବ କଳ୍ପଦ୍ରୁମ, ଆଦିରେ ବର୍ଣ୍ଣନା ରହିଛି। ଲିଙ୍ଗରାଜଙ୍କ ମୂର୍ତ୍ତିତତ୍ତ୍ୱ, ପୂଜାପଦ୍ଧତି, ଦର୍ଶନ, ଯାତ୍ରା, ଭୋଗ, ରୀତିନୀତି ଆଦିର ବର୍ଣ୍ଣନା ଏହି ପୁରାଣରେ କରାଯାଇଛି। ଲିଙ୍ଗରାଜଙ୍କୁ 'ଓଁ ନମଃ ଶିବାୟ' ମନ୍ତ୍ରରେ ସକଳ ମନସ୍କାମନା ପୂରଣ ପାଇଁ ପୂଜା କରାଯାଏ।

ଲିଙ୍ଗରାଜଙ୍କ ମୁଖ୍ୟ ପର୍ବ ଭାବରେ ମହାଶିବରାତ୍ରୀକୁ ପାଳନ କରାଯାଏ। କାହିଁ କେତେ ଦୂରରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କୁ ଜଳଲାଗି ପାଇଁ ଆସିଥାନ୍ତି। ବେଲପତ୍ର ଓ ଜଳ ଶିବଙ୍କୁ ଚଢ଼ାଇ ମନସ୍କାମନା ପୂରଣ କରିବାକୁ ପ୍ରାର୍ଥନା କରିଥାନ୍ତି। ଭକ୍ତମାନେ ରାତି ଉଜାଗର ରହି ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ରାତ୍ରୀରେ ମହାଦୀପ ମନ୍ଦିର ଉପରକୁ ଉଠାଯାଇଥାଏ।

# ଜାଗରରେ ଲାଗି ହୁଏ କେତକୀ

**ପ୍ରେମାନନ୍ଦ ପାଣିଗ୍ରାହୀ**

ସବୁ ଦେବଦେବୀଙ୍କୁ ଫୁଲ ଚଢାଯାଏ। ଫୁଲ ଅର୍ପଣ ବିନା କୌଣସି ପୂଜା ସଂପୂର୍ଣ୍ଣ ହୁଏ ନାହିଁ। ଦେବଦେବ ମହାଦେବଙ୍କୁ ଶିବରାତ୍ରୀରେ ଅଭିଷେକ କରିବା ପାଇଁ ଲାଗି ହୋଇଥାଏ କ୍ଷୀର, ବେଲପତ୍ର, ଲହୁଣୀ ଓ ବିଭିନ୍ନ



ପ୍ରକାରର ଫୁଲ। ଫୁଲ ପ୍ରତି ଅନ୍ୟ ଦେବାଦେବୀଙ୍କ ପରି ମହାଦେବଙ୍କର ରହିଥାଏ ଅଧିକ ଶ୍ରଦ୍ଧା। ଫୁଲମାନଙ୍କ ମଧ୍ୟରୁ ଧବଳ ରଙ୍ଗର ଫୁଲ ମଙ୍ଗଳମୟ ଶିବଙ୍କର ଅତି ପ୍ରିୟ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ରହିଛି। ଆମ ବାଡିବଗିଚାରେ ଥିବା ଫୁଲମାନଙ୍କୁ ରାଜସିକ, ତାମସିକ ଏବଂ ସାତ୍ତ୍ୱିକ ଫୁଲ ଭାବରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ତାମସିକ ଫୁଲ ହେଉଛି କେତକୀ। ଏହାକୁ ଭଗବାନଙ୍କୁ ଅର୍ପଣ କଲେ ମନୁଷ୍ୟର ସବୁ ରୋଗ, ଶୋକ, ଅଭାବ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ଚମ୍ପା, ଗୟସ, କନିଅର, ଅରଖ, ଦୁଦୁରା, ନାଗେଶ୍ୱର ଫୁଲ ବର୍ଷ ତମାମ ମହାଦେବଙ୍କ ମସ୍ତକରେ ଲାଗି ହେଉଥିବାବେଳେ ଭଗବାନ ଭୋଳାନାଥଙ୍କୁ କେତକୀ ଫୁଲ କେବଳ ଶିବରାତ୍ରୀ ଦିନ ଅର୍ପଣ କରାଯାଏ ।

ମହାଶିବରାତ୍ରୀରେ ମହାଦେବଙ୍କୁ କେତକୀ ଫୁଲ ଅର୍ପଣ କରି ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

କେତକୀ ଫୁଲ ଦେଖିବାକୁ ଚମ୍ପା ଫୁଲ ପରି ହଳଦିଆ ଓ ସୁଗନ୍ଧଯୁକ୍ତ । କେତକୀକୁ ସଂସ୍କୃତରେ ଦୀର୍ଘପତ୍ରୀ, ଜମ୍ବୁଳ, ହିନ୍ଦିରେ କେବଡା, ତେଲୁଗୁରେ ମୋଗଲି, ବଙ୍ଗଳାରେ କେୟା କୁହାଯାଏ । କେତକୀ ଗଛ ଦେଖିବାକୁ ଠିକ କିଆ ଗଛ ପରି କିନ୍ତୁ ଉଚ୍ଚତାରେ ଏହା କିଆ ଠାରୁ ବଡ । ପତ୍ରଗୁଡିକ ମଧ୍ୟ କିଆ ପତ୍ର ଠାରୁ ସାମାନ୍ୟ ବଡ ।

ଶିବ ପୁରାଣ ଅନୁସାରେ ଏକଦା ବ୍ରହ୍ମା ଓ ବିଷ୍ଣୁଙ୍କ ମଧ୍ୟରେ ବଡପଣକୁ ନେଇ ବିବାଦ ସୃଷ୍ଟି ହେଲା । ଧୀରେ ଧୀରେ ଏହା ମହାସଂଗ୍ରାମରେ ପରିଣତ ହୋଇ ଜୀବଜଗତ ପ୍ରତି ବିପଦ ସୃଷ୍ଟି କଲା । ଦୁହେଁ ମହାଦେବଙ୍କ ନିକଟରେ ପହଞ୍ଚିଲେ । ସେହି ସମୟରେ ଦେବ ଦେବ ମହାଦେବ ଏକ ଜ୍ୟୋତି ସ୍ତମ୍ଭ ରୂପେ ବ୍ରହ୍ମା ଓ ବିଷ୍ଣୁଙ୍କ ନିକଟରେ ଆବିର୍ଭୁତ ହେଲେ । ଜ୍ୟୋତି ସ୍ତମ୍ଭର ଆଦି ଅନ୍ତ ଜାଣିବାକୁ ଦୁହିଁଙ୍କୁ ସେ ଆଦେଶ ଦେଲେ । ଭଗବାନ ବିଷ୍ଣୁ ଶିବଙ୍କର ଅନ୍ତ ଜାଣିବାକୁ ବରାହ ବାହନରେ ଲିଙ୍ଗର ନିମ୍ନ ଭାଗକୁ ଓ ବ୍ରହ୍ମା ହଂସ ବାହନରେ ଅଗ୍ର ଭାଗକୁ ଯାତ୍ରା କଲେ । ଏମିତି ଅନେକ ଦିନ ବିତିଗଲା ବ୍ରହ୍ମା ଓ ବିଷ୍ଣୁ କେହି ଜ୍ୟୋତି ସ୍ତମ୍ଭର ଆଦି ଅନ୍ତ ଦର୍ଶନ କରି ପାରିଲେ ନାହିଁ । ଉଭୟ ବ୍ୟତିବ୍ୟସ୍ତ ହୋଇ ପଡିଲେ । ବ୍ରହ୍ମା ଉପରି ଭାଗରୁ ଲେଉଟି ଆସୁଥିବା ବେଳେ ଦେଖିଲେ ସ୍ତମ୍ଭର ଶୀର୍ଷରୁ କେତକୀ ଫୁଲଟିଏ ଖସି ଆସୁଛି । ଜ୍ୟୋତି ସ୍ତମ୍ଭର ଅଗ୍ର ଭାଗର ଅବସ୍ଥିତି ସମ୍ପର୍କରେ ବ୍ରହ୍ମା କେତକୀକୁ ପଚାରିଲେ । କେତକୀ ଜ୍ୟୋତି ସ୍ତମ୍ଭର ଅଗ୍ର ଭାଗରେ ପହଞ୍ଚି ନପାରି ସ୍କନ୍ଧ ସ୍ଥଳରୁ ଖସି ଆସୁଥିବା ବ୍ରହ୍ମାଙ୍କୁ ଉତ୍ତର ଦେଲା । ନିଜର ଅସଫଳତା ସମ୍ପର୍କରେ ବ୍ରହ୍ମା କେତକୀ ଆଗରେ କହିଲେ ଓ ତା'ର ସାହାଯ୍ୟ ନିବେଦନ କଲେ । ଦେବଦେବ ମହାଦେବଙ୍କ ନିକଟରେ ମିଛ ସାକ୍ଷୀ ଦେବାକୁ କେତକୀକୁ ପ୍ରବର୍ତ୍ତାଇଲେ । କେତକୀ ବି ବ୍ରହ୍ମାଙ୍କ କଥାରେ ରାଜି ହୋଇଗଲା । ଦୁହେଁ ଦେବସଭାକୁ ଆସିଲେ । ବ୍ରହ୍ମା ନିଜର ଗାରିମା ରକ୍ଷା କରିବା ଲାଗି ଜ୍ୟୋତି ସ୍ତମ୍ଭର ଅଗ୍ର ଭାଗରେ ପହଞ୍ଚିଥିବା ଓ ମହାଦେବଙ୍କ ମଥାରୁ ଉକ୍ତ କେତକୀ ଫୁଲଟିକୁ ଆଣିଥିବା ପ୍ରକାଶ କଲେ । ମହାଦେବଙ୍କ ମନରେ ବଶ୍ୱାସ ଜନ୍ମାଇବା ପାଇଁ ଦେବତାମାନଙ୍କ ସମ୍ମୁଖରେ ମିଥ୍ୟା ସାକ୍ଷ୍ୟ ଦେଇ କେତକୀ କହିଲା ଯେ ବ୍ରହ୍ମା ଜ୍ୟୋତି ସ୍ତମ୍ଭର ଶୀର୍ଷରେ ଉପନୀତ ହୋଇ ମୋତେ ଆଣିଛନ୍ତି । ବିଷ୍ଣୁ କିନ୍ତୁ ପ୍ରକାଶ କଲେ ସେ ଜ୍ୟୋତି ସ୍ତମ୍ଭର ନିମ୍ନ ଭାଗରେ ପହଞ୍ଚିବାରେ ଅସମର୍ଥ ହୋଇଛନ୍ତି । ମହାଦେବ ତ ଅନ୍ତର୍ଯାମୀ । ବ୍ରହ୍ମା ମିଥ୍ୟା କହୁଥିବାର ମହାଦେବ ଜାଣିଥିଲେ । ମିଥ୍ୟା କହିଥିବାରୁ ବ୍ରହ୍ମା ମର୍ତ୍ତ୍ୟଲୋକରେ ଅପୂଜ୍ୟ ହୋଇରହିବେ ବୋଲି ସେ ଅଭିଶାପ ଦେଲେ । କେତକୀ ମିଥ୍ୟା ସାକ୍ଷ୍ୟ ଦେଇଥିବାରୁ ସେ ଏଣିକି ଆଉ ମହାଦେବଙ୍କ ପୂଜାରେ ଲାଗିବ ନାହିଁ ବୋଲି ଅଭିଶାପ ବି ପାଇଲା । ବିଷ୍ଣୁ ସତ୍ୟ କହିଥିବାରୁ ସେ ମର୍ତ୍ତ୍ୟଲୋକରେ ବିଷ୍ଣୁଙ୍କ ସହିତ ଏକାତ୍ମ ଭାବରେ ହରିହର ନାମରେ ପୂଜିତ ହେବେ । ସେହି ଦିନ ଠାରୁ ମର୍ତ୍ତ୍ୟରେ ଶିବ ଓ ବିଷ୍ଣୁ ହରିହର ରୂପରେ ପୂଜା ପାଉଥିବା ବେଳେ ବ୍ରହ୍ମା ଅପୂଜ୍ୟ ହୋଇରହିଛନ୍ତି । କେତକୀ ବ୍ରହ୍ମାଙ୍କ କଥାରେ ମିଥ୍ୟା ସାକ୍ଷ୍ୟ ଦେଇଥିବାରୁ ଦୁଃଖ ପ୍ରକାଶ କରିବା ସହିତ ମହାଦେବଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା । କେତକୀର ଆକୁଳ ପ୍ରାର୍ଥନାରେ ସଦୟ ହୋଇ ମହାଦେବ କେତକୀକୁ ସବୁଦିନ ତାଙ୍କ ମସ୍ତକରେ ଲାଗି ହେବାର ସୁଯୋଗରୁ ବଞ୍ଚିତ କରିଥିଲେ ହେଁ ମହାଶିବରାତ୍ରୀ ଦିନ ଲାଗି ହେବାର ସୁଯୋଗ ଦେଲେ । ଯେଉଁ ବ୍ୟକ୍ତି ଶିବରାତ୍ରୀ ଦିନ ଶିବଲିଙ୍ଗରେ କେତକୀ ଫୁଲ ଚଢାଇବ ସେ ଏକାଦିକ୍ରମେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର କୃପା ପାଇପାରିବ ବୋଲି ମହାଦେବ ଘୋଷଣା କଲେ । ତେଣୁ ଶିବରାତ୍ରୀ ଦିନ ଶିବ ଲିଙ୍ଗରେ କେତକୀ ଫୁଲ ଚଢାଇବାର ସ୍ୱତନ୍ତ୍ର ମହତ୍ତ୍ୱ ରହିଆସିଛି । ଧ

**ଭୁଷଲ, ଭୁବନ, ଢେଙ୍କାନାଳ**
**ମୋ-୯୪୩୭୭୨୯୩୮୪**

## ମନକୁ ଆସିଲା ଯାହା ୧୦

# ପ୍ରେମ-ଅପ୍ରେମର ଦୋଛକିରେ..

**ସୌମ୍ୟଶ୍ରୀ ପାଣିଗ୍ରାହୀ**



ପ୍ରେମ ଏକ ଅମୃତ ଅନନ୍ୟ ଅନୁଭୂତି..ଏହା ନୈସର୍ଗିକ ଓ ଶାଶ୍ୱତ..ଏହା ପୁଣି ଆସ୍ଥାର ପ୍ରତୀକ । ପ୍ରେମ ଏକ ପ୍ରାକୃତିକ ଅନୁଭବ..ପ୍ରେମ ମହନୀୟ, ଏମିତି ଅନେକ କିଛି କୁହାଯାଇପାରେ । ଏହା କେତେବେଳେ ଯେ କାହା ପାଇଁ ଫୁଟି ଉଠିବ ତାହା କହିହେବ ନାହିଁ । କିନ୍ତୁ ଆଜିକାଲି ପ୍ରେମ ଦିବସ ନାଁରେ ଭ୍ୟାଲେଣ୍ଟାଇନ୍ସ ଡେ' ପାଳନ କରାଯାଉଛି ସାରା ଦୁନିଆରେ । ଫେବୃଆରୀ ୧୪କୁ ପ୍ରେମ ଦିବସ ଏବଂ ତା'ର ପୂର୍ବ ସପ୍ତାହକୁ ବିଭିନ୍ନ ବାଗରେ ପ୍ରେମର ନାମ ଦେଇ ପ୍ରେମ ସପ୍ତାହ ବି ପାଳନ କରାଗଲା ।

ପ୍ରେମରେ ଉବୁଟୁବୁ ହେବା ପୂର୍ବରୁ ପ୍ରେମର ବିଭିନ୍ନ ପର୍ଯ୍ୟାୟରେ ନାମିତ କରାଗଲା ଦିନଗୁଡ଼ିକୁ, ଯେମିତି ପ୍ରଥମେ ଗୋଲାପ ଦିବସରୁ ଆରମ୍ଭ । ପ୍ରେମିକଟିଏ ନିଜ ପ୍ରେୟସୀକୁ ଗୋଲାପ ଫୁଲଟିଏ ଉପହାର ଦେଇ ଖୁସି ହେଲାବେଳେ ତହିଁ ପରଦିନ ପ୍ରପୋଜ୍ ଡେ'ରେ ନିଜ ପ୍ରେମର ପ୍ରସ୍ତାବ ରଖନ୍ତି, ଯାହା ଅଚିରେ ଗୃହୀତ ହେଲା ପରେ ତା' ପରଦିନ ଚକୋଲେଟ୍ ଦିବସରେ ଉପହାର ସ୍ୱରୂପ ଚକୋଲେଟର ଆଦାନ ପ୍ରଦାନ ହୁଏ । ତା'ପରେ ଆସେ ଟେଡି ଡେ' ଯେଉଁଥିରେ ଉପହାର ସ୍ୱରୂପ ଦିଆହୁଏ ଖେଳନା ଭାଲୁ । ଏତେସବୁ ଉପହାର ଦିଆନିଆ ସରିଗଲା ପରେ ଆସେ ପ୍ରମିଜ ଡେ', ଯେଉଁଦିନ ଉଭୟ ପ୍ରେମିକ ଓ ପ୍ରେୟସୀ ପ୍ରତିଜ୍ଞା କରନ୍ତି ସାରା ଜୀବନ ନହେଲେ ବି ଆଗାମୀ ବର୍ଷଟା ପାଇଁ ପ୍ରେମରେ ଜୟଗାନ କରି ସାଙ୍ଗରେ ରହିବେ । ଏଥର ଆସେ ଆଲିଙ୍ଗନ ଦିବସ ଯେଉଁଥିରେ ପରସ୍ପରର ବାହୁବନ୍ଧନରେ ଥାଇ ଆଗାମୀ ସମୟ ପାଇଁ ସୁଖସ୍ୱପ୍ନରେ ମସଗୁଲ ହୁଅନ୍ତି ପ୍ରେମୀଯୁଗଳ । ଶେଷରେ ଆସେ ଚୁମ୍ବନ ଦିବସ ବା କିସ୍ ଡେ', ଯେଉଁଥିରେ ସମ୍ପୂର୍ଣ୍ଣ ପ୍ରେମର ପରିପ୍ରକାଶ ହୁଏ ଚୁମ୍ବନ ମାଧ୍ୟମରେ । ଅନେକ କବି ଲେଖକ ଏହି ଚୁମ୍ବନକୁ ନେଇ ରଚନା କରିଯାଇଛନ୍ତି କେତେ କେତେ କାବ୍ୟ କବିତା । ଏସବୁ ସରିଗଲା ପରେ ପାଳିତ ହୁଏ ଭ୍ୟାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ ।

ଗତ ସାତ ଦିନର ନିଷ୍ପାପର ଦିବସ ପାଳନର ଅସଲ ଉଦ୍ଦେଶ୍ୟ ଯଦିଥିଲା ପ୍ରେମମନସ୍କ ହେବା, ତେବେ ଏହି ପ୍ରେମ ଦିବସଟି ହେଉଛି ପ୍ରେମରେ ଆନମନା ହେବାର ଦିନଟିଏ । କିଏ କେବେ ପ୍ରେମକୁ ନେଇ ଏତେସବୁ ଦିନର ପରିକଳ୍ପନା କଲା ଜଣାନାହିଁ ମାତ୍ର ସର୍ବଜନାଦୃତ କଥାନୁସାରେ ସନ୍ଥ ଭ୍ୟାଲେଣ୍ଟାଇନ୍ ପ୍ରେମୀଯୁଗଳଙ୍କୁ ସାହାଯ୍ୟ କରୁଥିବାରୁ ରାଜା ତାଙ୍କୁ ଫାଶୀ ଦେଇଥିଲେ ଏହିଦିନ । ସେଇଥିପାଇଁ ତାଙ୍କୁ ମନେପକାଇ ଏହି ପ୍ରେମ ସପ୍ତାହ ବା ପ୍ରେମ ଦିବସ ପାଳନ ଗୋଟେ ଗୋଟେ ବାହାନା ମାତ୍ର । ମୋର ବ୍ୟକ୍ତିଗତ ମତରେ, ଏଟା ଆଜିର ଫ୍ୟାସନ୍ ଖାଲି ।

କେହି କେହି ରୋମିଓ-ଜୁଲିଏଟ୍, ଶାହାଜାହାନ-ମମତାଜ୍, ହୀର-ରାଞ୍ଝା ପୁଣି କେଦାର-ଗୌରୀଙ୍କୁ ଶାଶତ ପ୍ରେମର ପ୍ରତୀକ କିମ୍ବଦନ୍ତୀ ରୂପେ ନେଲାବେଳେ ଆଉ କେହି ପ୍ରେମରେ ବିଶ୍ୱାସ କରନ୍ତି ନାହିଁ । ଏହା ଏକ ବ୍ୟକ୍ତିଗତ ବିଶ୍ୱାସ ଓ ଆସ୍ଥାର କଥା । ଆମ ଭାରତର ଇତିହାସ ପୁରାଣ କିମ୍ବଦନ୍ତୀ କଥା ଛାଡ଼ନ୍ତୁ ଓଡ଼ିଶାରେ ବି ପ୍ରେମକୁ ନେଇ ଅନେକ କାଳଜୟୀ ସାହିତ୍ୟକୃତି ସୃଷ୍ଟି ହୋଇଛି ଆଉ ଏବେର ସାହିତ୍ୟିକମାନଙ୍କର ଚିରାଚରିତ ପ୍ରଥମ ପସନ୍ଦ ହେଉଛି ପ୍ରେମ । ପ୍ରଣୟ-ପ୍ରତାରଣାକୁ ନେଇ, ନିଜକୁ ନାୟକ ବା ନାୟିକା ସଜେଇ ପୃଷ୍ଠା ପରେ ପୃଷ୍ଠା ଲେଖିବାରେ ଓସ୍ତାଦ୍ ଆମ ଏବେର ସାହିତ୍ୟିକମାନେ । ସତେ ଯେମିତି ପ୍ରେମକୁ ନେଇ ଲେଖିବା ସହଜ ।

ଏଥର ଆସିବା ଆଜିର ପ୍ରସଙ୍ଗକୁ । ପ୍ରେମ ଦିବସର ଅପାର ସଫଳତା ପରେ ଆଉ ଦଳେ ବାହାରିଲେ ପ୍ରେମର ବିରୁଦ୍ଧ ଦିବସ ପାଳନ କରିବା ପାଇଁ । ପ୍ରେମରେ ଧକ୍କା ଖାଇଥିବା ଏବଂ ପ୍ରେମରେ ବିଶ୍ୱାସ କରୁ ନଥିବା ଲୋକଙ୍କର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ତେଣୁ ତ ଅପ୍ରେମ ଦିବସ ବି ତିଆରି ହୋଇସାରିଲାଣି ଅପ୍ରେମ ସପ୍ତାହକୁ ସାଙ୍ଗରେ ନେଇ, ଏମାନଙ୍କୁ ମଧ୍ୟ ଉତ୍ସବ ପାଳନର ମୌକା ଦେବା ପାଇଁ ।

ଆମେ ଯେତେବେଳେବିଶ୍ୱବିଦ୍ୟାଳୟରେ ପଢୁଥିଲୁ ସେତେବେଳେ ଆମ କଲେଜରେ ପୁଅ ଝିଅଙ୍କ ଅନୁପାତ ବହୁତ କମ୍ ଥିଲା । ତେଣୁ ଅଳ୍ପ କେଇଟା ପ୍ରେମୀଯୁଗଳ ଭ୍ୟାଲେଣ୍ଟାଇନ୍ସ ଡେ' ମନାଉଥିବା ବେଳେ ଆଉ ଥୋଡ଼େ ମନାଉଥିଲେ ବଜରଙ୍ଗ ଦିବସ ନ ହେଲେ 'ଫୋସଲା ଦିବସ' । ବଜରଙ୍ଗବଳି ହନୁମାନଙ୍କୁ ପୂଜା କରୁଥିବା, ଏମାନଙ୍କର ବି ଏକ ସ୍ୱତନ୍ତ୍ର ଗୋଷ୍ଠୀ ଥିଲା । ପ୍ରେମ ପରିତ୍ୟକ୍ତ ଏକପାଖିଆ ପ୍ରେମିକ ଦଳ ବା ଋକ୍ସଙ୍ଗସ୍ୱସ୍ୱକ୍ସବସ୍ୱରୟ ଢଭର ଝସୟରୟ ଖକ୍ସଙ୍ଗରକ୍ସସ୍ୱ' ଇସ୍ୱସ୍ୱକ୍ସମସବସ୍ୱସକ୍ସଭ ବା ସଂକ୍ଷେପରେ କହିଲେ 'ଫୋସଲା' (ଋଢଝଖଇ) ବୋଲି ନିଜକୁ ନାମିତ କରି ଏମାନେ ଭ୍ୟାଲେଣ୍ଟାଇନ୍ସ ଡେ' ର ଠିକ୍ ପରଦିନ ମନାଉଥିଲେ ନିଜର ବାର୍ଷିକ ଫୋସଲା ଦିବସ । ପ୍ରେମରେ ଅବିଶ୍ୱାସ-ଧୋକା-ପ୍ରତ୍ୟାଖ୍ୟାନ ଆଦିକୁ ମଧ୍ୟ ନିଜନିଜ ବାଗରେ ଉତ୍ସବ ମନାଇବାର ଯେ ବି ଗୋଟିଏ ନୂଆ ମାଧ୍ୟମ ପାଲଟି ଥିଲା ଆମ କଲେଜ ଦିନଗୁଡ଼ିକରେ ।

ଏବେ ତ ମୁଁ ଶୁଣିଲି କୁଆଡେ ଅପ୍ରେମ ସପ୍ତାହ ବି ପାଳନ ହେଉଛି ସମାନ ଢଙ୍ଗରେ । ଯେଉଁ ଦିନ ଭ୍ୟାଲେଣ୍ଟାଇନ୍ସ ଡେ' ବା ପ୍ରେମ ସପ୍ତାହ ସରିବ, ଠିକ୍ ତା'ର ପରଦିନ ପାଖରୁ ଆରମ୍ଭ ହୋଇଯାଏ ସବୁ ପ୍ରେମର ବିରୋଧୀ ପର୍ଯ୍ୟାୟବାଚୀ ଦିବସ । ଯେମିତିକି ପ୍ରଥମେ ଚାପୁଡ଼ା ଦିବସ ବା ସ୍ଲାପ୍ ଡେ' ପୁଣି ପରଦିନ ଗୋଇଠା ଦିବସ ବା କିକ୍ ଡେ' । ନିଜକୁ ନିଜେ ସୁଗନ୍ଧିତ କରିବାର ଦିନ ବା ପରଫ୍ୟୁମ୍ ଡେ' ଏବଂ ତା' ପରଦିନ (ପ୍ରେମିକ/ପ୍ରେୟସୀ ବ୍ୟତୀତ) ଅନ୍ୟମାନଙ୍କ ସହ ପ୍ରେମାଳାପ କରିବାର ଦିନ ବା ଫ୍ଲର୍ଟ ଡେ' । ଏସବୁ ପରେ ଆସିବ ସ୍ୱୀକାରୋକ୍ତି ଦିବସ ବା କନଫେସନ୍ ଡେ' ପୁଣି ପରଦିନ ନିଜ ଜୀବନରେ ପ୍ରେମର ଅଭାବକୁ ଝୁରି ହେବାର ଦିନ ଟିଏ ମିସିଂ ଡେ' ଏବଂ ସର୍ବଶେଷରେ ପ୍ରେମର ବନ୍ଧନରୁ ମୁକୁଳିବାର ଦିନ ଯେମିତିକି ବ୍ରେକଅପ୍ ଡେ' ।

ଏମିତି ଭାବେ ଆଜିକାଲି ଅପ୍ରେମ ସପ୍ତାହ ବି ପାଳିତ ହେବାର ନୂଆ ଧାରା ଚାଲିଲାଣି । ଯେମିତି ପ୍ରେମ ସପ୍ତାହ ସେମିତି ଏବେ କିଛି ଲୋକଙ୍କର ଅପ୍ରେମ ସପ୍ତାହରେ ବି ଭାରି ଆଗ୍ରହ । କିଛି ପ୍ରେମିକ ତ ଏଥର ବଡ଼ ନିଆରା ଢଙ୍ଗରେ ପାଳିଛନ୍ତି ନିଜ ପ୍ରେମ ସପ୍ତାହକୁ ଯେମିତି ମହାରାଷ୍ଟ୍ର ପୁନେର ସମିତ କୁମାର । ସେ ତାଙ୍କ ପ୍ରେମିକା ରହୁଥିବା ଅଞ୍ଚଳର ସବୁ ରାସ୍ତାଘାଟରେ ଯେତେ ବଡ ବଡ ହୋର୍ଡିଂ ଅଛି ସବୁଥିରେ ନିଜ ପ୍ରେମିକାଙ୍କ ଫଟୋ ସହ ନିଜର ହୃଦୟର କଥା କହୁଥିବା ବିରାଟ ବିରାଟ ଚିତ୍ର ସବୁ ମାରିଦେଲେ ରାତାରାତି । ସ୍ଥାନୀୟ ଅଞ୍ଚଳବାସୀ ସିନା ସକାଳୁ ଉଠି ଏସବୁ ହରକତ ଦେଖି ମଜା ନେଲେ କିନ୍ତୁ ତାଙ୍କ ପ୍ରେୟସୀ ଏପରି ଅଦ୍ଭୁତ ପାଗଳମୀରେ ବିବ୍ରତ ହୋଇ ସେହିଦିନ ହିଁ ସହର ଛାଡ଼ି ଚାଲିଗଲେ । ସୁମିତଙ୍କର ପ୍ରେମର ଜୟ ହେଲା କି ନାହିଁ ଜଣାନାହିଁ, ମାତ୍ର ସେଦିନ ସେ ପ୍ରେମରେ ପ୍ରତ୍ୟାଖ୍ୟାତର ଅନୁଭବ ନେଇ ଗୁଡ଼ାଏ ବେଜିତ ହେଲେ ନିଶ୍ଚୟ । ଠିକ୍ ସେମିତି ଚାଇନାର ଗ୍ୱାଙ୍ଗଝୁ ସହରରେ ରହୁଥିବା ଜନୈକ ଯୁବକଙ୍କର କାହାଣୀ । ସେ ରୁବିକ୍ସ କ୍ୟୁବ୍ (ଏକ ଖେଳଣା) ସମାଧାନ କରିବାରେ ଥିଲେ ଓସ୍ତାଦ । ତେଣୁ ଗୋଟେ ଯୋଡେ ନୁହେଁ, ପୁରା ୯୦୦୦ଟି ରୁବିକ୍ସ କ୍ୟୁବକୁ ସମାଧାନ କରି ବିଭିନ୍ନ ରଙ୍ଗରେ ସଜେଇ ସେ ତିଆରି କରିଥିଲେ ନିଜ ପ୍ରେୟସୀଙ୍କର ଏକ ବିଶାଳ ଚିତ୍ର । ମାତ୍ର ଏତେ ସବୁ ପରିଶ୍ରମ ବୃଥାଗଲା ଯେତେବେଳେ ପ୍ରେୟସୀ ତାଙ୍କୁ ପ୍ରେମକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଚାଲିଗଲେ ।

ପୁଣି ସେଇ ଚୀନରେ ଏମିତି ବି ଲୋକ ଅଛନ୍ତି ଯିଏ ପ୍ରେମରେ ଏତେ ଧକ୍କା ଖାଇଛନ୍ତି ଯେ ପ୍ରେମ ଉପରୁ ହିଁ ବିଶ୍ୱାସ ତୁଟିଯାଇଛି, ତେଣୁ ପ୍ରେମୀ ଯୁଗଳଙ୍କ ଉପରେ ପ୍ରବଳ ରାଗ ତାଙ୍କର । ଏଥର ସେ ଏକ ପ୍ରେକ୍ଷାଳୟର ସବୁତକ ଚେୟାରରୁ ଗୋଟଏ ଛାଡ଼ି ଗୋଟେ ବୁକ୍ କରିନେଲେ ଯେମିତିକି କୌଣସି ପ୍ରେମୀ ଯୁଗଳ ପାଖାପାଖି ବସିପାରିବେ ନାହିଁ । କି ଅଦ୍ଭୁତ ପାଗଳାମି ଦେଖିଲେ । ଆମ ଭାରତରେ ଆୟୁଷି ରାଓ୍ୱତ ବି କେଉଁ କମ୍ କି ? ଗୁରୁଗ୍ରାମର ଏହି ପ୍ରେମିକା ଜଣଙ୍କ ନିଜ ପ୍ରେମିକ ୟସ୍ ସଙ୍ଗଭିଙ୍କୁ, ପ୍ରେମରେ ପ୍ରତ୍ୟାଖ୍ୟାତ ହେବା ପରେ ମଧୁର ପ୍ରତିଶୋଧ ସହ ପାନେ ଦେବାପାଇଁ ଜୋମାଟୋରୁ ଅର୍ଡ଼ର କଲେ ଶହେଟି ପିଜ୍ଜା, କିନ୍ତୁ ନିଜ ଠିକଣାରେ ନୁହେଁ, ପ୍ରେମିକଙ୍କ ଠିକଣାରେ । ସେ ପୁଣି କ୍ୟାଶ୍ ଅନ୍ ଡେଲିଭରି ଅର୍ଥାତ୍ ଯିଏ ପାଇବ, ସେ ପଇସା ଦେବ । ଡେଲିଭରୀ ବୟ ଯେତେବେଳେ ପିଜ୍ଜା ନେଇ ପହଞ୍ଚିଲା, ସେ ନିଜେ ଅର୍ଡ଼ର କରି ନଥିବାରୁ ପିଜ୍ଜା ରଖି ପଇସା ଦେବାକୁ ମନା କରିଦେଲେ । ସେଇଠୁ ଡେଲିଭରି ବୟ ସହିତ ତାଙ୍କର ଯୁକ୍ତିତର୍କ, କଥା କଟାକଟି, ବଚସା ଓ ହାତାହାତି । ପାଖପଡ଼ୋଶୀ ଜାଣିଲେ ତେଣୁ ବାଧ ହୋଇ ନିଜ ଇଜ୍ଜତ ବଞ୍ଚାଇବାକୁ, ସେ ପ୍ରାୟ ପଚାଶ ହଜାର ଟଙ୍କା ଦେଇ ପିଜ୍ଜା ତକ ରଖିଲେ । ପ୍ରେମରେ ପ୍ରତ୍ୟାଖ୍ୟାତ ହୋଇ ଇଏ କି ମଧୁର ପ୍ରତିଶୋଧ ଦେଖିଲେ ।

ଏମିତି ଖୋଜି ବସିଲେ ପ୍ରେମ ଓ ପ୍ରତ୍ୟାଖ୍ୟାନର ଅଜସ୍ର କାହାଣୀ ବାହାରିବ ପୁଣି ଏସବୁ ବିଚିତ୍ର କାହାଣୀ ମାନ ଶୁଣି ଆପଣ ବି ଉଲ୍ଲସିତ ହେବେ । ମୋଟ କଥା ଏୟା ଯେ, ପ୍ରେମ ଏକ ବିଶ୍ୱାସ..ଏକ ଅତୁଟ ବନ୍ଧନ । ଏଠି ଛଳନା ଅବିଶ୍ୱାସର ପ୍ରଶ୍ନ ନାହିଁ । ପ୍ରେମ ସପ୍ତାହ ହେଉ କି ଅପ୍ରେମ ସପ୍ତାହ, ଯାହା ପାଇଁ ଯେମିତି ହୋଇଥାଉ ନା କାହିଁକି ପ୍ରେମର ମିଠା ସୁମଧୁର ଅନୁଭବ ଉପରେ କିଛି ପ୍ରଭାବ ପକାଇବ କି ? ତେଣୁ ଯିଏ ଯେମିତି ଉତ୍ସବ ପାଳୁଛି ପାଳୁ କିନ୍ତୁ ପ୍ରେମର ଜୟଯାତ୍ରା ଏମିତି ଚାଲିଥାଉ । ନା କ'ଣ କହୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ପାନମହୁରି-ଦୂର କରିବ ସ୍କିନ୍ ସମସ୍ୟା



ପାନମହୁରି ଏକ ସୁଗନ୍ଧିତ ଜଡ଼ିବୁଟି ଯାହାର ବ୍ୟବହାର ଆମ ଦେଶରେ ଖୁବ୍ କରାଯାଏ। ମସଲାରୁ ଆରମ୍ଭ କରି ମାଉଥ୍ ଫ୍ରେଶନର୍ ଭାବରେ ପାନମହୁରିର ବ୍ୟବହାର କରାଯାଇଥାଏ। ତେବେ ପାନମହୁରିକୁ ନେଇ ସ୍କିନ୍ର ଉପଚାର ହେବା ବିଷୟରେ ବୋଧହୁଏ ବହୁତ କମ୍ ଲୋକ ଜାଣିଥିବେ। କୌଣସି ସାମଗ୍ରୀକୁ ନେଇ ଘରୋଇ ଉପଚାର କରିବା ପୂର୍ବରୁ ଏହାକୁ ପରୀକ୍ଷା କରିନେବା ଉଚିତ। ସ୍କିନ୍ରେ କିପରି ପାନମହୁରିର ବ୍ୟବହାର କରିହେବ ସେ ବିଷୟରେ ଜାଣିବା ବହୁତ ଜରୁରୀ। ଯଦି ସ୍କିନ୍ରେ ଚମକ ଫେରାଇ ଆଣିବାକୁ ଚାହୁଁଛନ୍ତି ତେବେ ଘରୋଇ ଜିନିଷଗୁଡ଼ିକୁ ବ୍ୟବହାର କରିଲେ ସ୍କିନ୍ର କୌଣସି କ୍ଷତି ହେବ ନାହିଁ। ପାନମହୁରିରେ କପର୍, ମ୍ୟାଗ୍ନେସିୟମ୍, ଆୟରନ୍ ଓ ଜିଙ୍କ୍ ରହିଥିବାରୁ ଏହାର ନିୟମିତ ବ୍ୟବହାର ସ୍କିନ୍କୁ ନରମ ରଖିବ କାରଣ ଏହାର ପାଉଡର୍ ମୋଟା ହୋଇଥିବାରୁ ସ୍କିନ୍କୁ ସ୍ୱାଭାବିକ ଭାବରେ ପରିଷ୍କାର



କରେ। ତେଣୁ ନିଜର ବିଉଟି ରୁଟିନ୍ରେ ପାନମହୁରିକୁ ସାମିଲ୍ କରିପାରିବେ। ପାନମହୁରିରେ ଏକ ପ୍ରାକୃତିକ ବାସ୍ନା ଥାଏ ଯାହା ଚାପକୁ କମ୍ କରିବାରେ ସାହାଯ୍ୟ କରେ। ତେଣୁ ଏହା ସାହାଯ୍ୟରେ ସ୍କିନ୍ରେ ବୃଦ୍ଧି ପାଉଥିବା ବୟସକୁ ହ୍ରାସ କରାଯାଇ ପାରିବ। ଏହାର ଫେସ୍ ପ୍ୟାକ୍ ତିଆରି କରିବା ପାଇଁ ହେଲେ ଚାରି ଚାମଚ ପାନମହୁରି, ଗୋଟିଏ କଦଳୀ, ଏକ ଚାମଚ ମହୁ ଓ ଗୋଲାପ ଜଳ ଆବଶ୍ୟକ।

ପ୍ରଣାଳୀ- ପାନମହୁରିକୁ ଗ୍ରାଇଣ୍ଡିଂ କରି ପାଉଡର୍ କରନ୍ତୁ। ପାଚିଲା କଦଳୀକୁ ଚକଟି ସେଥିରେ ଚାରି ଚାମଚ ପାନମହୁରି ପାଉଡର୍ ମିଶାଇବେ। ଏହି ମିଶ୍ରଣରେ ଏକ ଚାମଚ ମହୁ ଓ କିଛି ବୁନ୍ଦ ଗୋଲାପ ଜଳ ମିଶାଇ ଭଲ ଭାବରେ ଫେଣ୍ଟି ଦିଅନ୍ତୁ। ଏହି ପେଷ୍ଟକୁ ମୁହଁ ଓ ବେକରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖିବାକୁ ହେବ। ଶୁଖିଗଲା ପରେ ହାଲୁକା ଭାବରେ ମାଲିସ୍ କରି ଛଡ଼ାଇଦେବେ। ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଚେହେରାରେ ଚମକ ଆସିବା ସହିତ ଡେଡ୍ ସ୍କିନ୍ ସେଲ୍ସ ମଧ୍ୟ ପରିଷ୍କାର ହୋଇଯିବ। ଧୋଇ ସାରିବା ପରେ କଟନ୍ରେ ଗୋଲାପ ଜଳ ଲଗାଇ ମୁହଁରେ ଲଗାନ୍ତୁ। ଗୋଲାପ ଜଳ ରୋମଛିଦ୍ର ଭିତରକୁ ଯାଇ ଛିଦ୍ରଗୁଡ଼ିକୁ ବନ୍ଦ କରିବ।

ରୋଷେଇ ଘରୁ

## ପନିର୍ କୁଲ୍ଚା



**ଆବଶ୍ୟକୀୟ ସାମଗ୍ରୀ**-ମଇଦା-୨ କପ୍, ଲୁଣ-୧/୨ ଚାମଚ, ଦହି-୧ ଚାମଚ, ଖାଇବା ସୋଡ଼ା-୧/୪ ଚାମଚ, ଚିନି-୧ ଚାମଚ, କ୍ଷୀର-୧/୨ କପ୍, କଳା ଜିରା।

ଷ୍ଟଫିଙ୍ଗ୍ ପାଇଁ -କଦ୍ଦୁକଷ କରାଯାଇଥିବା ପନିର୍-୨୦୦ ଗ୍ରାମ୍, ଲୁଣ- ସ୍ୱାଦ ଅନୁସାରେ, ଲଙ୍କା ଗୁଣ୍ଡ-୧ଚାମଚ, ଚାଟ୍ ମସଲା-୧/୨ଛୋଟ ଚାମଚ।

**ପ୍ରଣାଳୀ**- ଏକ ପାତ୍ରରେ ମଇଦା ନେଇ ସେଥିରେ ଲୁଣ, ଦହି, ଖାଇବା ସୋଡ଼ା, ଚିନି ଓ କ୍ଷୀର ମିଶାଇ ଅଳ୍ପ ନରମ ହେବା ପରି ଦଳି ଦିଅନ୍ତୁ। ଦଳା ଯାଇଥିବା ମଇଦାକୁ ଏକ ଓଦା କପଡ଼ାରେ ଘୋଡେଇ ରଖିଦେବେ। ଏବେ ଏହାକୁ ପେଡ଼ା ଆକାର କରି ଗଢ଼ିବେ। ଓଭେନ୍କୁ ଗରମ କରି ମଇଦା ଗୁଳାଗୁଡ଼ିକୁ ୫ ମିନିଟ୍ ପର୍ଯ୍ୟନ୍ତ ସେଥିରେ ରଖନ୍ତୁ। ଅନ୍ୟ ଏକ ପାତ୍ରରେ ପନିର୍, ଲୁଣ, ଅଧା ଚାମଚ ଲଙ୍କା ପାଉଡର୍ ଓ ଚାଟ୍ ମସଲା ନେଇ ଭଲ ଭାବରେ ମିଶେଇ ଦେବେ। ମଇଦା ଗୁଳାଗୁଡ଼ିକୁ ଛୋଟ ଛୋଟ ପୁରି ପରି ବେଲି ସେଥିରେ ପନିର୍ ମିଶ୍ରଣକୁ ରଖି ଚାରିପଟୁ ବନ୍ଦ କରି ଗୋଲ ଗୋଲ ବଲ୍ ପରି ଗଢ଼ିବାକୁ ହେବ। ଏହି ବଲ୍ଗୁଡ଼ିକୁ ୫ ମିନିଟ୍ ପର୍ଯ୍ୟନ୍ତ ରଖିଦେବେ। ପ୍ରତ୍ୟେକ ବଲ୍କୁ ବେଲି ୬ ଇଞ୍ଚର କୁଲ୍ଚା ତିଆରି କରନ୍ତୁ। ଏହାକୁ ବେକିଂ ଟ୍ରେରେ ରଖିବେ। ସବୁ ଉପରେ ପାଣି ହାତ ମାରି ଲଙ୍କାଗୁଣ୍ଡ ଛିଞ୍ଚି ଦେବେ। ଏହା ଉପରେ କଳା ଜିରା ଦେଇ ୫-୭ ମିନିଟ୍ ପର୍ଯ୍ୟନ୍ତ ବେକ୍ ହେବାକୁ ଦିଅନ୍ତୁ। ପ୍ରତ୍ୟେକ କୁଲ୍ଚାରେ ବଟର୍ ଲଗାଇ ପନିର୍ ତରକାରି କିମ୍ବା ଛୋଲେ ସହିତ ଗରମ ଗରମ ପରଷିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**
ରବିବାର ଓ ସୋମବାର କର୍ମକ୍ଷେତ୍ରରେ ଆନନ୍ଦପ୍ରାପ୍ତ ହେବ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଉଦ୍ୟମ ସାଫଲ୍ୟତା ଲାଭ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ମିଳିବ। ପ୍ରତିକାର: ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରନ୍ତୁ।

**ବୃଷ**
ରବିବାର ଓ ସୋମବାର ସମସ୍ୟାଯୁକ୍ତ ହେବେ। ଋଣଭାର ବୃଦ୍ଧି ଘଟିବ। ମଙ୍ଗଳବାର ଓ ବୁଧବାର ମଧ୍ୟମ ଫଳ ପ୍ରାପ୍ତି। ବନ୍ଧୁ ସହଯୋଗ ପାଇପାରନ୍ତି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମକ୍ଷେତ୍ର ଓ ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ। ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମିଥୁନ**
ରବିବାର ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ସୋମବାର ଓ ମଙ୍ଗଳବାର ଅତୀତର କର୍ମ ନେଇ ପଶ୍ଚାତାପ୍ କରିବେ। ବୁଧବାର ଓ ଗୁରୁବାର ଲୋକସମ୍ପର୍କ ବୃଦ୍ଧିଘଟିବ। ମହିଳା ଓ ବିଦ୍ୟାର୍ଥୀ ରୁଚିଶୀଳ ହେବେ। ଶୁକ୍ରବାର ଓ ଶନିବାର ପ୍ରତିଷ୍ଠାଯୁକ୍ତ ହେବେ। ପ୍ରତିକାର: ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଅନୁକୂଳ ରହିବ। ଆର୍ଥିକ ସମୃଦ୍ଧି ହେବ। ବୁଧବାର ଓ ଗୁରୁବାର ଦୁର୍ଘଟଣାଜନିତ ସମସ୍ୟା ଦେଖାଦେବ। ଶୁକ୍ରବାର ଓ ଶନିବାର ଯୋଜନାନୁସାରେ କାର୍ଯ୍ୟକରି ସାଫଲ୍ୟତା ପାଇବେ। ପ୍ରତିକାର: ଓଁ ହ୍ରିଁ ଓଁ ମନ୍ତ୍ର ଜପ କରନ୍ତୁ।

**ସିଂହ**
ରବିବାର ଓ ସୋମବାର ସନ୍ତାନହେତୁକ ଗର୍ବ ଅନୁଭବ କରିବେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମୟ ଆପଣଙ୍କୁ ସଫଳତା ପ୍ରଦାନ କରିବ। ଶୁକ୍ରବାର ଓ ଶନିବାର ସାବଧାନତା ଅବଲମ୍ବନୀୟ। ଦ୍ରବ୍ୟ ଚୋରି ହୋଇପାରେ। ପ୍ରତିକାର: ଆଦିତ୍ୟ ହୃଦୟ ସ୍ତୋତ୍ର ପାଠକରି ଜଳଦାନ କରନ୍ତୁ।

**କନ୍ୟା**
ରବିବାର ପାରିବାରିକ ଅଶାନ୍ତି ଦେଖାଦେଇପାରେ। ସୋମବାର ଓ ମଙ୍ଗଳବାର କାର୍ଯ୍ୟରେ ସ୍ଥିରତା ପ୍ରାପ୍ତି। ବୁଧବାର ଓ ଗୁରୁବାର ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ନୂତନ କାର୍ଯ୍ୟାରମ୍ଭ କରିବେ। ପ୍ରତିକାର: ଓଁ ଲଂ ଲଙ୍କାତାଭ୍ୟାଂ ମନ୍ତ୍ର ଜପ କରନ୍ତୁ।

**ତୁଳା**
ରବିବାର ଆତ୍ମନିର୍ଭରଶୀଳ ହେବେ। ସୋମବାର ଓ ମଙ୍ଗଳବାର ଜଗିରଖି ଚଳିବା ଆବଶ୍ୟକ। ବୁଧବାର ଓ ଗୁରୁବାର କାର୍ଯ୍ୟ ସିଦ୍ଧି ହେବ। ଶୁକ୍ରବାର ଓ ଶନିବାର ଆର୍ଥିକ ଉନ୍ନତି ହେବ। ପ୍ରତିକାର: ଓଁ ନମଃଶିବାୟ ମନ୍ତ୍ର ଜପକରି ଜଳାଧିବାସ କରନ୍ତୁ।

**ବିଛା**
ରବିବାର ସ୍ଥିରଚିତ୍ତ ହୋଇ କାର୍ଯ୍ୟ କରିବେ। ସୋମବାର ମଙ୍ଗଳବାର ଉଦ୍ୟମେ କାର୍ଯ୍ୟ ସିଦ୍ଧି। ବୁଧବାର ଓ ଗୁରୁବାର ଜଗିରଖି ଚଳିବେ। ଶୁକ୍ରବାର ଓ ଶନିବାର ଶତ୍ରୁଠାରୁ ଦୂରେଇ ରହିବା ଭଲ। ପ୍ରତିକାର: ଓଁ ହଂ ପବନ ନନ୍ଦନାୟ ସ୍ୱାହା ମନ୍ତ୍ର ଜପ କରନ୍ତୁ।

**ଧନୁ**
ରବିବାର ଓ ସୋମବାର କର୍ମାନୁରୂପ ଫଳ ପ୍ରାପ୍ତି ହେବ। ମଙ୍ଗଳବାର ଓ ବୁଧବାର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ବିପଦ ଦେଖାଦେଇପାରେ। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମଧ୍ୟମ ଫଳ ପ୍ରାପ୍ତି ହେବ। ଲାଞ୍ଚ ମିଛଠାରୁ ଦୂରେଇ ରହିବା ଭଲ। ପ୍ରତିକାର: ମା'ତାରାଙ୍କ କବଚ ପାଠ କରନ୍ତୁ।

**ମକର**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କାର୍ଯ୍ୟରେ ସହଯୋଗ ପ୍ରାପ୍ତି ହେବ। ବିବେକ ଅନୁମୋଦିତ କାର୍ଯ୍ୟ କରି ପ୍ରଶଂସିତ ହେବେ। ବୁଧବାରଠାରୁ ଗୁରୁବାର ଦେବଦର୍ଶନରେ ଆନନ୍ଦ ପାଇବେ। ଶୁକ୍ରବାର ବନ୍ଧୁ ସହଯୋଗ ପ୍ରାପ୍ତି ହେବ। ପ୍ରତିକାର: ଶ୍ରୀ ଶିବ ସହସ୍ର ନାମ ପାଠ ସହ ଜଳାଧିବାସ କରନ୍ତୁ।

**କୁମ୍ଭ**
ରବିବାର ଓ ସୋମବାର ଜଗିରଖି ଚଳିବେ। ମାନସିକ ଦୁଃଶ୍ଚିନ୍ତା ଦେଖାଦେଇପାରେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଶୁକ୍ରବାରଠାରୁ ଶନିବାର କୌଣସି କଥାରେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ବିପଦରେ ପଡ଼ିପାରନ୍ତି। ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମୀନ**
ରବିବାରଠାରୁ ମଙ୍ଗଳବାର କାର୍ଯ୍ୟରେ ସଫଳତା ଲାଭ କରିବେ। ବୁଧବାର ଓ ଗୁରୁବାର କର୍ମକ୍ଷେତ୍ରରେ ସଫଳତା ଓ ଧନଲାଭ ହେବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ଲାଭ ହେବ। ପ୍ରତିକାର :ଓଁ ନାରାୟଣ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରଣୀୟ।

ପର୍ଯ୍ୟଟନ

# ଜାଗେଶ୍ୱର ଧାମ

**ଉତ୍ତରାଖଣ୍ଡର ଅଲ୍‌ମୋଡା ପାର୍ଶ୍ୱରେ ଅବସ୍ଥିତ ଜାଗେଶ୍ୱର ଧାମ ଭଗବାନ ଶିବଙ୍କର ବାରଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏହି ଜ୍ୟୋତିର୍ଲିଙ୍ଗଙ୍କୁ ଅଷ୍ଟମ ଜ୍ୟୋତିର୍ଲିଙ୍ଗ ବୋଲି କୁହାଯାଏ। ସେ ଯୋଗେଶ୍ୱର ନାମରେ ମଧ୍ୟ ପରିଚିତ। କୁହାଯାଏ ଯେ ଏହା ହେଉଛି ପ୍ରଥମ ମନ୍ଦିର ଯେଉଁଠାରେ ଲିଙ୍ଗ ରୂପରେ ଶିବପୂଜନର ପରମ୍ପରା ଆରମ୍ଭ ହୋଇଥିଲା। ଜାଗେଶ୍ୱରକୁ ଉତ୍ତରାଖଣ୍ଡର ପଞ୍ଚମ ଧାମ ଓ ଭଗବାନ ଶିବଙ୍କ ତପସ୍ଥଳୀ ବୋଲି କୁହାଯାଏ। ପୁରାଣ ଅନୁସାରେ ଭଗବାନ ଶିବ ଏବଂ ସପ୍ତଋଷି ସେଠାରେ ତପସ୍ୟା କରିଥିଲେ। ଅଷ୍ଟାଦଶ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ସେଠାକୁ ଯାଇ ପୂରଣ ହେଉଥିବା ମନୋକାମନାର ଦୁରୂପଯୋଗକୁ ରୋକିବାର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ସେଠାରେ ଯଜ୍ଞ ଏବଂ ଅନୁଷ୍ଠାନ ଦ୍ୱାରା ମଙ୍ଗଳକାରୀ ମନୋକାମନାର ପୂରଣ କରାଯାଇପାରେ। ଭଗବାନ ଶ୍ରୀରାମଙ୍କ ପୁତ୍ର ଲବ-କୁଶ ସେଠାରେ ଯଜ୍ଞର ଆୟୋଜନ କରି ଦେବତାମାନଙ୍କୁ ଆମନ୍ତ୍ରିତ କରିଥିଲେ। ସର୍ବପ୍ରଥମେ ଏହି ମନ୍ଦିରକୁ ସ୍ଥାପନା କରିଥିବା କଥା କୁହାଯାଏ। ସେଠାରେ ୨୫୦ଟି ଛୋଟ ବଡ ମନ୍ଦିର ରହିଛି। କିନ୍ତୁ ମନ୍ଦିର ପରିସରରେ ରହିଛି ୧୨୫ଟି ମନ୍ଦିରର ସମୂହ। ବଡ଼ ବଡ଼ ପଥରର ଶିଳାରେ ମନ୍ଦିରଗୁଡିକର ନିର୍ମାଣ କରାଯାଇଛି।**







## ଜାଗେଶ୍ୱର ଧାମର ଇତିହାସ

ପୌରାଣିକ କଥା ଅନୁସାରେ ଗୁରୁ ଆଦି ଶଙ୍କରାଚାର୍ଯ୍ୟ କେଦାରନାଥ ପାଇଁ ପ୍ରସ୍ଥାନ କରିବା ପୂର୍ବରୁ ଜାଗେଶ୍ୱର ଦର୍ଶନ କରିଥିଲେ ଓ ସେଠାରେ ଥିବା ଅନେକ ମନ୍ଦିରର ଜୀର୍ଣ୍ଣୋଦ୍ଧାରର ପୁନଃସ୍ଥାପନା ମଧ୍ୟ କରିଥିଲେ। ମହାପୁରୁଷମାନଙ୍କ ଅନୁସାରେ ଭଗବାନ ଶିବ ସେଠାରେ ତାଙ୍କର ନିବାସ ସ୍ଥାନରୁ ତଳକୁ ଆସି ଧ୍ୟାନ କରୁଥିଲେ। ଜାଗେଶ୍ୱରର ପ୍ରମୁଖ ମନ୍ଦିର ମଧ୍ୟରେ ଜାଗେଶ୍ୱର ମନ୍ଦିର, ଚଣ୍ଡିକା ମନ୍ଦିର, ଦଣ୍ଡେଶ୍ୱର ମନ୍ଦିର, କୁବେର ମନ୍ଦିର, ମୃତ୍ୟୁଞ୍ଜୟ ମନ୍ଦିର, ନବଗଡ଼ ମନ୍ଦିର, ନଅ ଦୁର୍ଗା, ଏକ ପିରାମିଡ୍ ମନ୍ଦିର ଓ ସୂର୍ଯ୍ୟ ମନ୍ଦିର ଅନ୍ୟତମ। ସେଠାରେ ଥିବା ମହାମୃତ୍ୟୁଞ୍ଜୟ ମନ୍ଦିର ସବୁଠାରୁ ପୁରୁଣା ଓ ଦଣ୍ଡେଶ୍ୱର ମନ୍ଦିର ଜାଗେଶ୍ୱରର ସବୁଠାରୁ ବଡ଼ ମନ୍ଦିର। ଏହାର ନିର୍ମାଣ ସପ୍ତମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ହୋଇଥିଲା। ଜାଗେଶ୍ୱର ମନ୍ଦିର ଜଟାଗଙ୍ଗା ଘାଟିରେ ଅବସ୍ଥିତ ଯାହାର ନିର୍ମାଣ ହୋଇଥିଲା ନବମ ଶତାବ୍ଦୀରେ। ଜାଗେଶ୍ୱରର ଅଧିକାଂଶ ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ ଓ ପାର୍ଶ୍ୱରେ ଥିବା ଅନ୍ୟ ମନ୍ଦିରଗୁଡ଼ିକ ଭଗବାନ ବିଷ୍ଣୁ, ଦେବୀ ଶକ୍ତି ଓ ହିନ୍ଦୁ ଧର୍ମର ଅନ୍ୟ ଦେବଦେବୀଙ୍କୁ ସମର୍ପିତ। ୨୫୦୦ ବର୍ଷର ଏହି ପୁରାତନ ମନ୍ଦିରର ମୁଖ୍ୟ ପରିସରରେ ମଲ୍ଲ ରାଜାମାନଙ୍କର ଗୋଟିଏ ଲେଖାଏଁ ଶିଳାଲେଖ ରହିଛି, ଯେଉଁଗୁଡ଼ିକ ଜାଗେଶ୍ୱରଙ୍କ ପ୍ରତି ସେମାନଙ୍କର ଭକ୍ତିକୁ ଦର୍ଶାଇଥାଏ।

ଅଷ୍ଟମ ଶତାବ୍ଦୀରେ କତ୍ୟୁରୀ ରାଜବଂଶର ରାଜା ଶାଲିବାହନ ଦେବଙ୍କ ଶାସନ କାଳ ସମୟରେ ଏହି ମନ୍ଦିରଗୁଡିକର ନବୀକରଣ କରାଯାଇଥିଲା। କତ୍ୟୁରୀ ରାଜାମାନେ ମନ୍ଦିରର ଯତ୍ନ ନେଉଥିବା ପୂଜାରୀମାନଙ୍କୁ ଗ୍ରାମଦାନ ମଧ୍ୟ କରିଥିଲେ ଓ କୁମାଉଁର ଚାନ୍ଦରାଜା ଜାଗେଶ୍ୱର ମନ୍ଦିରର ସଂରକ୍ଷକ ଥିଲେ।








ଜାଗେଶ୍ୱର ମନ୍ଦିରର କାନ୍ଥ ଓ ସ୍ତମ୍ଭଗୁଡିକରେ ବିଭିନ୍ନ ଅବଧିର ୨୫ଟି ଶିଳାଲେଖ ଦେଖିବାକୁ ମିଳିଥାଏ ଯେଉଁଥିରୁ ଅଧିକାଂଶ ସପ୍ତମ ଶତାବ୍ଦୀ ଓ ଦଶମ ଶତାବ୍ଦୀର ବୋଲି ଜଣାପଡେ। ଏହି ଶିଳାଲେଖଗୁଡିକ ସଂସ୍କୃତ ଓ ବ୍ରାହ୍ମୀ ଭାଷାରେ ଲେଖାଯାଇଛି। ଅଧିକାଂଶ ମନ୍ଦିରଗୁଡିକରେ ପଥରର ଲିଙ୍ଗର ସ୍ଥାପନା କରାଯାଇଛି। ସେଠାରେ ଉତ୍ତର ଭାରତର ଦୁର୍ଲଭ ନମୁନା ମଧ୍ୟରୁ ଏକ ମୁଖଲିଙ୍ଗର ଦର୍ଶନ କରିପାରିବେ। ସେହି ମନ୍ଦିରଗୁଡିକର ସମୂହ ପ୍ରାଚୀନ ସଂସ୍କୃତି ଓ ବାସ୍ତୁକଳାକୁ ଦର୍ଶାଇଥାଏ।

## ଉଦ୍‌ଗମ ସ୍ଥଳ:

ଦେବଭୂମିରେ ସ୍ଥିତ ଅଲ୍‌ମୋଡାର ଜାଗେଶ୍ୱର ମନ୍ଦିର ଭଗବାନ ଶିବଙ୍କର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ଜାଗେଶ୍ୱର ଠାରେ ପୂଜା ପାଉଛନ୍ତି। ଜାଗେଶ୍ୱରରେ ପ୍ରାଚୀନ ମୃତ୍ୟୁଞ୍ଜୟ ମନ୍ଦିର ବାରଟି ଜ୍ୟୋତିର୍ଲିଙ୍ଗଙ୍କ ଉଦ୍‌ଗମ ସ୍ଥଳ। ଦେବାଧିଦେବ ମହାଦେବ ସେଠାରେ ଆଜି ମଧ୍ୟ ବୃକ୍ଷ ଭାବରେ ମା’ପାର୍ବତୀଙ୍କ ସହିତ ବିରାଜମାନ ଅଛନ୍ତି। ମାନ୍ୟତା ଅନୁସାରେ ମନ୍ଦିର ପରିସରରେ ଥିବା ଦେବଦାରୁ ବୃକ୍ଷର ତଳୁ ଗୋଟିଏ ଓ ଉପରୁ ଦୁଇଟି ଶାଖାରେ ଶ୍ରଦ୍ଧାଳୁମାନେ ଶିବ-ପାର୍ବତୀଙ୍କ ଯୁଗଳ ରୂପର ଦର୍ଶନ କରିଥାନ୍ତି। ୬୨.୮୦ ମିଟର ଲମ୍ବା ଓ ୮.୧୦ ମିଟର ବ୍ୟାସ ବିଶିଷ୍ଟ ଏହା ଏକ ପୁରାତନ ବୃକ୍ଷ। ଜାଗେଶ୍ୱର ଧାମର ମନ୍ଦିର ସମୂହରେ ବିଶାଳ ଏବଂ ସୁନ୍ଦର ମନ୍ଦିର ମହାମୃତ୍ୟୁଞ୍ଜୟ ମହାଦେବଜୀଙ୍କ ନାମରେ ବିଖ୍ୟାତ। ତେବେ ଶ୍ରାବଣ ମାସରେ ଆସୁଥିବା ଭକ୍ତଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥାଏ।



## କେବେ ଯିବେ:

ଜାଗେଶ୍ୱର ଧାମକୁ ପର୍ଯ୍ୟଟକମାନେ ଏପ୍ରିଲ୍‌ରୁ ଜୁନ୍ ଓ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଯାଇପାରିବେ। ବସନ୍ତ ଋତୁ ଓ ବର୍ଷା ଋତୁର ପ୍ରାରମ୍ଭରେ ଜାଗେଶ୍ୱର ଯାତ୍ରା ଆପଣଙ୍କୁ ଖାସ୍ ଅନୁଭବ ଦେବ। ଶିବରାତ୍ରି ମେଳା ବସନ୍ତ ଋତୁରେ ଓ ବର୍ଷାଋତୁରେ ଜାଗେଶ୍ୱର ମହୋତ୍ସବ ପାଳନ କରାଯାଏ। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନଙ୍କୁ ଏହି ମହୋତ୍ସବ ଆକର୍ଷିତ କରିଥାଏ।

କିପରି ଯିବେ-ଉତ୍ତରାଖଣ୍ଡ ରାଜ୍ୟର କୁମାଉଁ କ୍ଷେତ୍ରରେ ସ୍ଥିତ ଅଲ୍‌ମୋଡା ଠାରୁ ୩୫ କି.ମି ଓ ଦିଲ୍ଲୀ ଠାରୁ ୪୦୦ କି.ମି ଦୂରରେ ଜାଗେଶ୍ୱର ଅବସ୍ଥିତ। ଟ୍ରେନ୍‌ରେ ସେଠାକୁ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ କାଠଗୋଦାମ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ଯାଇପାରିବେ। ସେଠାରୁ ଟ୍ୟାକ୍ସି ବା ବସ୍ ଦ୍ୱାରା ଅଲ୍‌ମୋଡା ଯାଇପାରିବେ। ଜାଗେଶ୍ୱରର ନିକଟତମ ବିମାନ ବନ୍ଦର ହେଉଛି ପନ୍ତନଗର। ସଡ଼କ ମାର୍ଗରେ ଜାଗେଶ୍ୱର ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଆଇଏସ୍‌ବିଟି, ଆନନ୍ଦ ବିହାରରୁ, ଦିଲ୍ଲୀରୁ ହଲ୍‌ଦ୍ୱାନୀ ଓ ଅଲ୍‌ମୋଡା ଯାଉଥିବା ବସ୍‌ରେ ଯାଇପାରିବେ। ସେଠାରୁ ଟ୍ୟାକ୍ସି ଦ୍ୱାରା ଜାଗେଶ୍ୱର ଯାଇପାରିବେ।

ମନୋରଞ୍ଜନ

# 'କ୍ରେଜି'ର ଟ୍ରେଲର୍ ରିଲିଜ



ଗତ ବର୍ଷ ରିଲିଜ ହୋଇଥିଲା ଫିଲ୍ମ 'ତୁମ୍ବାଡ୍'। ଫିଲ୍ମଟି ଖୁବ୍ ଚର୍ଚ୍ଚାରେ ଥିଲା। ସୋହମ ଶାହ ଏହି ଫିଲ୍ମ ଜରିଆରେ ଲୋକମାନଙ୍କ ହୃଦୟକୁ ଜିତି ପାରିଥିଲେ ଓ ଫିଲ୍ମଟି ବକ୍ସ ଅଫିସ୍‌ରେ ମଧ୍ୟ ଖୁବ୍ ଭଲ ପରଫର୍ମ କରିଥିଲା। ଏବେ ସୋହମ୍ ଦର୍ଶକମାନଙ୍କୁ ଫିଲ୍ମ 'କ୍ରେଜି'ର ଯାତ୍ରା କରେଇବେ। ୧୭ ତାରିଖରେ ରିଲିଜ ହୋଇଛି ଫିଲ୍ମ 'କ୍ରେଜି' ଟ୍ରେଲର୍। ଏହି ଫିଲ୍ମ ଜରିଆରେ ସୋହମ୍ ପୁଣି ଥରେ ଦର୍ଶକମାନଙ୍କ ହୃଦୟରେ ସ୍ଥାନ ପାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଟ୍ରେଲର୍‌ରେ ସୋହମ୍ ତାଙ୍କ କାର୍‌ରେ ବସିଛନ୍ତି ଓ ତାଙ୍କ ପାଖକୁ ଆସୁଛି ଏକ ଧମକପୂର୍ଣ୍ଣ ଭିଡିଓ ମେସେଜ୍। ସୋହମ୍ ଏଥିରେ ଡକ୍ଟର ଅଭିମନ୍ୟୁ ସୁଦ୍‌ଙ୍କ ଭୂମିକାରେ ନଜର ଆସିବେ। ଅଭିମନ୍ୟୁ ଜଣେ ଖୁବ୍ ଭଲ ସର୍ଜନ। ଅଭିମନ୍ୟୁଙ୍କ ଝିଅ ତା' ପାଖରେ ଅଛି ଓ ପାଞ୍ଚ କୋଟି ଟଙ୍କା ଦେଇ ଝିଅକୁ ନେବା ପାଇଁ ବ୍ୟକ୍ତି ଜଣକ ଧମକ ଦେଇ କହୁଛି। ଦୁଇ ମିନିଟ୍ ୧୦ ସେକେଣ୍ଡର ଏହି ଟ୍ରେଲର୍‌ରେ ଅଭିମନ୍ୟୁ ନିଜ ଝିଅକୁ ବଞ୍ଚେଇବା ପାଇଁ କିପରି ସଂଘର୍ଷ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ତେବେ ଟ୍ରେଲର୍‌ର ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଖୁବ୍ ସୁନ୍ଦର। ମୁଖ୍ୟ ଭୂମିକାରେ ଅଭିନୟ କରିବା ସହିତ ସୋହମ୍ ଏହି ଫିଲ୍ମର ନିର୍ମାତା। ତାଙ୍କ ସହିତ ମୁକେଶ ଓ ଅମିତ ଶାହା, ଆଦେଶ ଶ୍ରୀବାସ୍ତବ ମଧ୍ୟ ଏହି ଫିଲ୍ମର ନିର୍ମାତା ଭାବରେ କାର୍ଯ୍ୟ କରୁଛନ୍ତି। ଫିଲ୍ମର ସହ-ପ୍ରଯୋଜକ ହେଉଛନ୍ତି ଅଙ୍କିତ ଜୈନ। ଫିଲ୍ମଟିର ନିର୍ଦ୍ଦେଶକ ଓ ଲେଖକ ହେଉଛନ୍ତି ଗିରିଶ କୋହଲୀ। ୨୮ ତାରିଖରେ ସିନେମା ଘରଗୁଡ଼ିକରେ ଫିଲ୍ମଟି ରିଲିଜ ହେବାର ଅଛି।



## କିମ୍ବଦନ୍ତୀ ନାୟିକା

# ରେଖା ଓ 'କ୍ରିସ୍-୪'

ବଲିଉଡ୍‌ର ପ୍ରଥମ ସୁପରହିରୋ ଫିଲ୍ମ 'କ୍ରିସ୍'ର ପ୍ରଶଂସକଙ୍କ ରହିଛି ଏକ ଲମ୍ବା ଧାଡ଼ି। ଏପର୍ଯ୍ୟନ୍ତ ଫିଲ୍ମଟିର ତିନୋଟି ପାର୍ଟ ଆସିସାରିଛି ଯେଉଁଗୁଡ଼ିକୁ ଖୁବ୍ ପସନ୍ଦ କରିଥିଲେ ଦର୍ଶକମାନେ। କିନ୍ତୁ ଅନେକ ସମୟ ହେଲାଣି ଦର୍ଶକମାନେ ଏହାର ଚତୁର୍ଥ ପାର୍ଟକୁ ଅପେକ୍ଷା କରି ରହିଛନ୍ତି। ଗତ ବର୍ଷ ନିର୍ମାତାମାନେ 'କ୍ରିସ୍-୪'କୁ ନେଇ ଲାଟେଷ୍ଟ ଅପ୍‌ଡେଟ୍ ଦେଇଥିଲେ। ୧୬ ଫେବୃଆରୀରେ ରିଲିଜ ହୋଇଥିଲା ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି ରୋଶନ୍ସ'। ନିର୍ମାତାମାନେ ଏହାର ପାର୍ଟି ରଖିଥିଲେ ନେଟ୍‌ଫ୍ଲିକ୍ସରେ। ଏହାର ସଫଳତା ପାଇଁ ଆୟୋଜିତ ଏହି ପାର୍ଟିରେ ରାକେଶ ରୋଶନ, ଫିଲ୍ମ 'କ୍ରିସ୍-୪'ର କାଷ୍ଟକୁ ନେଇ ଅପଡେଟ୍ ଦେଇଛନ୍ତି। ଏଥିରେ ଫଟୋ ସେସନ୍ସ ପାଇଁ ନଜର ଆସିଥିଲେ ରେଖା ଓ ରାକେଶ ରୋଶନ। ତେଣୁ 'କ୍ରିସ୍-୪'ରେ ରେଖାଙ୍କ ଭୂମିକାକୁ ନେଇ ପ୍ରଶ୍ନ ପଚରାଯିବାରୁ ଉତ୍ତରରେ ରାକେଶ ରୋଶନ ହଁ ବୋଲି କହିଥିଲେ। ତେବେ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରାକେଶ ଭବିଷ୍ୟତରେ କୌଣସି ଫିଲ୍ମ କରିବେ ନାହିଁ ବୋଲି କହିଛନ୍ତି। କିନ୍ତୁ 'କ୍ରିସ୍-୪'ରେ ଯେପରି କୌଣସି ଅଭାବ ନ ରହେ ସେଥିପାଇଁ ସବୁ ପ୍ରକାରର ଚେଷ୍ଟା ଜାରି ରହିଛି। ଏହି ଫିଲ୍ମର ପ୍ଲଟ୍‌କୁ ନେଇ ଆଗକୁ ବଢ଼ିବେ କି ନାହିଁ ସେ ସମ୍ପର୍କରେ ସେ ନିଶ୍ଚିତ ନୁହନ୍ତି କିନ୍ତୁ ବର୍ତ୍ତମାନ ଫିଲ୍ମର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇ ସାରିଛି। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ହ୍ରିତିକ ରୋଶନଙ୍କ ହାତରେ ରହିଛି 'ୱାର-୨' ଓ ଆଲିଆଙ୍କ ଫିଲ୍ମ 'ଅଲ୍‌ଫା'।






# 'ତ୍ରିକନ୍ୟା'ର ଯାତ୍ରା

ଏବେ ସିଙ୍ଗାପୁର ଦେଖିବ ଅମୀୟ ପଟ୍ଟନାୟକଙ୍କ ଦ୍ୱାରା ପ୍ରଯୋଜିତ ଓଡ଼ିଆ ସିନେମା 'ତ୍ରିକନ୍ୟା'। ସମାଜରେ ମହିଳାମାନଙ୍କ ସଂଘର୍ଷ ଓ ସାମାଜିକ ନୀତିକୁ ନେଇ ୮ ମାର୍ଚ୍ଚ, ୨୦୨୪ରେ ରିଲିଜ ହୋଇଥିଲା ବାସ୍ତବବାଦୀ ଓଡ଼ିଆ ଚଳଚ୍ଚିତ୍ର 'ତ୍ରିକନ୍ୟା'। ଫିଲ୍ମଟି ଓଡ଼ିଶାରେ ଖୁବ୍ ଚର୍ଚ୍ଚା ସାଉଁଟିଥିଲା। ଫିଲ୍ମର କାହାଣୀ ସିନେପ୍ରେମୀଙ୍କ ମନକୁ ଖୁବ୍ ଛୁଇଁବା ସହିତ ଏଥିରେ ଥିବା ସାମାଜିକ ବାର୍ତ୍ତାକୁ ମଧ୍ୟ ଦର୍ଶକମାନେ ସଠିକ୍ ଭାବେ ବୁଝିପାରିଥିଲେ। ଏଥିରେ ଦେଖିବାକୁ ମିଳିଥିଲା ପ୍ରେମ, ବାସନା ଓ ତ୍ୟାଗର ଏକ ବ୍ୟାପକ ସଂକଳନ। ଫିଲ୍ମରେ ସିଜନ ମହାପାତ୍ର, ନିଶାନ୍ତ ମାଜିଥିଆ, ମନୋଜ ମିଶ୍ର, ବର୍ଷା ପଟ୍ଟନାୟକ, ତୃପ୍ତି ସିହ୍ନା, ଶ୍ରଦ୍ଧା ପାଣିଗ୍ରାହୀ, ସୁକାନ୍ତ ରଥ, ପାର୍ଥସାରଥୀ ରାୟଙ୍କ ଭଳି କଳାକାରମାନେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ତେବେ ଚଳଚ୍ଚିତ୍ର ରିଲିଜ ହେବାର ଗୋଟିଏ ବର୍ଷ ପୂରି ଯାଇଥିଲେ ମଧ୍ୟ ଫିଲ୍ମଟିକୁ ମିଳୁଛି ଅଶେଷ ଭଲପାଇବା। ଏହି ଭଲପାଇବାକୁ ଦୃଷ୍ଟିରେ ରଖି ସିଙ୍ଗାପୁର ଶା' ଥିଏଟର୍, ପାୟା ଲେବର୍ କ୍ୱାର୍ଟର୍‌ରେ ଫେବୃଆରୀ ୨୨ ତାରିଖରେ ଏକ ବିଶେଷ ସ୍କ୍ରିନିଂର ଆୟୋଜନ କରାଯାଇଥିଲା। ଏତେ ମାତ୍ରାରେ ଭଲ ପାଇବା ଦେବା ସହିତ ଫିଲ୍ମର ଯାତ୍ରାରେ ଦୀର୍ଘ ଦିନ ହୋଇ ଯୋଡି ରହିଥିବାରୁ ଓଡ଼ିଆ ସିନେପ୍ରେମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଫିଲ୍ମର ନିର୍ମାତା। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ଅନୁପମ୍ ପଟ୍ଟନାୟକ ଓ ମନୀଷ ପଢ଼ିହାରୀ ହେଉଛନ୍ତି ଏହାର କାହାଣୀ ଲେଖକ। 'ତ୍ରିକନ୍ୟା' ଏକ ମାଷ୍ଟରପିସ୍ ଯାହା ମାନବୀୟ ଭାବନାଗୁଡ଼ିକ ସହିତ ସମ୍ପର୍କରେ ଥିବା ସୂକ୍ଷ୍ମ ତତ୍ତ୍ୱଗୁଡ଼ିକୁ ଉଜାଗର କରିଛି। ଫିଲ୍ମରେ ରହିଛି ଅନେକ ସୁନ୍ଦର ଦୃଶ୍ୟ ଯେଉଁଗୁଡ଼ିକ ଦର୍ଶକମାନଙ୍କୁ ମାନବୀୟ ମାନସିକତାର ଗଭୀରତାକୁ ନେଇଯାଉଛି।

# ଆଶୁତୋଷଙ୍କ ଇମୋସ୍‌ନାଲ୍ ଡ୍ରାମା





ବହୁତ ଶୀଘ୍ର ଦର୍ଶକମାନେ କନୌଜ ସହରର ଏକ କାହାଣୀ ଦେଖିବାକୁ ପାଇବେ। ଏହି ମାସରେ ଓଟିଟିରେ ରିଲିଜ ହେବାକୁ ଥିବା ଫିଲ୍ମ 'କୌଶଲଜୀ ଭର୍ସେସ୍ କୌଶଲ୍'ର ରିଲିଜ ହୋଇଛି ଟ୍ରେଲର୍ ଯେଉଁଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ଆଶୁତୋଷ ରାଣା ଓ ଶିବା ଚଡ୍‌ଢା। ଆଶୁତୋଷ ଓ ଶିବା ପରସ୍ପରକୁ ଖୁବ୍ ଭଲ ପାଉଥିବା କପଲ୍ ଭାବରେ ନଜର ଆସୁଛନ୍ତି। କିନ୍ତୁ ଅଚାନକ କାହାଣୀ ନେଉଛି ଏକ ନୂଆ ମୋଡ଼ ଯାହାଦ୍ୱାରା ଏ ଦୁଇ ଜଣ ଅଲଗା ହୋଇଯାଉଛନ୍ତି। ଏପରି ସ୍ଥିତିରେ ପରିବାରରେ ପିଲାମାନେ କେଉଁଭଳି ନିଷ୍ପତ୍ତି ନେବେ ତାହା ଜାଣିବା ପାଇଁ ଫିଲ୍ମଟିକୁ ଦେଖିବାକୁ ପଡ଼ିବ। କାହାଣୀରେ କେବେ ହସଭରା ଅନ୍ଦାଜରେ ଏମାନଙ୍କୁ ଦେଖିବାକୁ ମିଳିବ ତ କେବେ ଏମାନଙ୍କର ଇମୋସ୍‌ନାଲ୍ ଡ୍ରାମା ଦେଖିବାକୁ ମିଳିବ। କାହାଣୀ ଅନୁସାରେ ୨୭ ବର୍ଷୀୟ ୟୁଗ୍ କୌଶଲ୍ କନୌଜରୁ ଦିଲ୍ଲୀକୁ ଆସୁଛି। ସେଠାକୁ ଯାଇ ସେ ମଡର୍ଣ୍ଣ ହେବା ସହିତ ମାତାପିତାଙ୍କୁ ମଧ୍ୟ ମଡର୍ଣ୍ଣ ହେବା ପାଇଁ ପରାମର୍ଶ ଦେଉଛି। ଏପରି ସ୍ଥଳେ ମାତାପିତା ଅଲଗା ହେବା ପାଇଁ ଯେତେବେଳେ ଇଚ୍ଛା ପ୍ରକାଶ କରୁଛନ୍ତି ସେ ଚିନ୍ତାରେ ପଡ଼ିଯାଉଛି। ଏବେ କୌଶଲ୍ କ'ଣ କରିବ ତାହା ଦେଖିବା ପାଇଁ ହେଲେ ୨୧ ତାରିଖରେ ଜିଓହଟ୍‌ଷ୍ଟାର୍‌ରେ ଫିଲ୍ମର ପ୍ରିମିୟର୍ ଦେଖନ୍ତୁ। ଏଥିରେ କୌଶଲ୍ ଭୂମିକାରେ ଆଶୁତୋଷ ରାଣା ଅଭିନୟ କରୁଥିବା ବେଳେ ମିସେସ୍ କୌଶଲ୍ ଭୂମିକାରେ ଶିବା ଚଡ୍‌ଢାଙ୍କୁ ଦେଖିବାକୁ ପାଇବେ। ଫିଲ୍ମରେ ପାଭେଲ୍ ଗୁଲାଟୀ, ୟୁଗ୍ କୌଶଲ୍ ଭୂମିକାରେ ନଜର ଆସିବେ। ଅନ୍ୟ କଳାକାରଙ୍କ ମଧ୍ୟରେ ଅଛନ୍ତି ଈଶା ତଲୱାର, ଗ୍ରୁଶା କପୁର, ବ୍ରିଜେନ୍ଦ୍ର କାଲାଙ୍କ ପରି କଳାକାରମାନେ।

# 'ଫୌଜି'ରେ ଆଲିଆଙ୍କ ଏଣ୍ଟ୍ରି !





ପ୍ରଭାସଙ୍କ ଫିଲ୍ମ 'ଫୌଜି'କୁ ଦୀର୍ଘ ସମୟ ହେଲାଣି ଦର୍ଶକମାନେ ଅପେକ୍ଷା କରି ରହିଛନ୍ତି। ନିକଟରେ ଭର୍ସାଟାଇଲ୍ କଳାକାର ଅନୁପମ୍ ଖେରଙ୍କର ଏଥିରେ ଏଣ୍ଟ୍ରି ହୋଇଥିବାର ଖବର ଆସିଥିବା ବେଳେ ଏହି ବିଗ୍ ବଜେଟ୍ ଫିଲ୍ମରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କର ଏଣ୍ଟ୍ରି ହୋଇଥିବା ଖବର ଶୁଣିବାକୁ ମିଳୁଛି। କିନ୍ତୁ ତାଙ୍କର ଚରିତ୍ରକୁ ନେଇ କୌଣସି ଖବର ପ୍ରକାଶ କରାଯାଇ ନାହିଁ। 'କଲ୍‌କି ୨୮୯୮ ଏଡି' ଫିଲ୍ମ ଜରିଆରେ ଅପାର ସଫଳତା ଲାଭ କରିଥିବା ଅଭିନେତା ପ୍ରଭାସଙ୍କ ହାତରେ ଏ ସମୟରେ ଗୋଟିଏ ବା ଦୁଇଟି ନୁହେଁ ଅଧା ଡର୍ଜନରୁ ବି ଅଧିକ ଫିଲ୍ମର ସୂଚୀ ରହିଛି। ଏଥିମଧ୍ୟରୁ ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଫୌଜି'ର ସୁଟିଂରେ ବ୍ୟସ୍ତ ଅଛନ୍ତି ପ୍ରଭାସ। ତେବେ କିଛି ଦିନ ପୂର୍ବରୁ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଏଣ୍ଟ୍ରି ହେବା ଖବର ସାମ୍ନାକୁ ଆସିଥିଲା ଓ ସେ ମୁଖ୍ୟ ଭୂମିକାରେ ଫିଲ୍ମର ଫ୍ଲାସ୍ ବ୍ୟାକ୍‌ରେ ଅଭିନୟ କରିବେ ବୋଲି କୁହାଯାଉଥିଲା। କିନ୍ତୁ ଏବେ ଆଲିଆଙ୍କ ଏଣ୍ଟ୍ରି ଖବର ଶୁଣିବା ପରେ ଦର୍ଶକ ମହଲରେ ଉତ୍ସୁକତା ବୃଦ୍ଧି ପାଇଛି। ତେବେ ଏଥିରେ ଆଲିଆଙ୍କର ରହିଛି ଖାସ୍ ଭୂମିକା। କାହାଣୀରେ ଏକ ରାଜକୁମାରୀର ଚରିତ୍ର ଥିବାରୁ ଏଥିରେ ଆଲିଆ ଅଭିନୟ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଆଲିଆଙ୍କ ଖବର ବିଷୟରେ ପୁଷ୍ଟି ହୋଇନଥିଲେ ମଧ୍ୟ ଯଦି ଏହା ସତ୍ୟ ହୋଇଥାଏ ତେବେ ପ୍ରଭାସ-ଆଲିଆଙ୍କର ଏହା ହେବ ପ୍ରଥମ ଫିଲ୍ମ।

# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି


ଡ.ଅରୁନ୍ଧତୀ ଦେବୀ




ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଇଛି। ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ। ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ। ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ









ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ। ଅମକ ଡିଭିଜନ ପାଇଲେ ବା ଅମକ ର୍‍ୟାଙ୍କ ପାଇଲେ ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ। ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ। ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ। ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି।

**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**

# ସଂଘର୍ଷରୁ ସାର୍ଥକତା : ଡାକ୍ତର ରାଜେନ୍ଦ୍ରଙ୍କ ସୃଜନଶୀଳତାର କଥା



ଯେଉଁ ଆଖିରେ ଦେଖି ଓ ଦେଖାଇ ହୁଏ ସୁନ୍ଦର ପୃଥିବୀ, ସେହି ଆଖିର ଯତ୍ନ ନେବାକୁ ଈଶ୍ୱର ତାଙ୍କୁ ସମର୍ଥ କରିଛନ୍ତି ସଫଳ ଚକ୍ଷୁ ଡାକ୍ତର ଭାବରେ । କେବଳ ସେତିକି ନୁହେଁ ଏଯାବତ୍ ଦୁଇଶହ ପାଖାପାଖି ଚକ୍ଷୁ ଶିବିରର ଆୟୋଜନ ଭିତରେ ମୁକ୍ତଶୁଳ୍କରେ ଦୁଃସ୍ଥ ବଞ୍ଚିତ ମଣିଷଙ୍କ ଛୟାଅଶି ହଜାର ମୋତିଆବିନ୍ଦୁ ଅପରେସନ କରି ଯଥାଶୀଘ୍ର ଏକ ଲକ୍ଷ ବ୍ୟକ୍ତିଙ୍କ ମୋତିଆବିନ୍ଦୁ ଅପରେସନ କରିବାର ଲକ୍ଷ୍ୟ ରଖିଛନ୍ତି । ଅନ୍ଧତ୍ୱ ଦୂରୀକରଣ ଅଭିଯାନରେ ସଫଳ ହୋଇଥିବା ଏହି ଡାକ୍ତର ଜଣକ ଏକାଦିକ୍ରମେ ଜଣେ ଚିତ୍ରକର, ଗାୟକ ଓ ସାହିତ୍ୟିକ ମଧ୍ୟ । ସେବା ପାଇଁ, ସଂସ୍କୃତିର ବିକାଶ ପାଇଁ ତାଙ୍କର ଅବଦାନ ନିମନ୍ତେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମାନ ସମ୍ମାନ ଅର୍ଜନ କରି ନିଜ ପ୍ରତିଷ୍ଠାକୁ ଦୃଢ଼ କରିପାରିଛନ୍ତି । ଗଞ୍ଜାମ ଜିଲ୍ଲାର ଲଂଗଳେଶ୍ୱର ଗ୍ରାମରେ ପିତା କପିଳା ବେହେରା ଓ ମାତା ରୁକୁଣା ବେହେରାଙ୍କ ସୁପୁତ୍ର ରାଜେନ୍ଦ୍ର କୁମାର ବେହେରା ହେଉଛନ୍ତି ସେହି ଡାକ୍ତର ଯିଏ ବିଶ୍ୱାସ କରନ୍ତି ସଂଘର୍ଷ ହିଁ ବ୍ୟକ୍ତିକୁ ସଫଳ କରେ । କଠୋର ଅଧ୍ୟବସାୟ ଓ ନିଷ୍ଠା ମଣିଷକୁ ତା'ଲକ୍ଷ୍ୟସ୍ଥଳରେ ନିଶ୍ଚୟ ପହଞ୍ଚାଏ । ନିଜ ବାସ୍ତବ ଜୀବନରେ ମଧ୍ୟ ଏହି ଆପ୍ତବାକ୍ୟର ସାର୍ଥକତାକୁ ପ୍ରତିପାଦିତ କରିସାରିଛନ୍ତି ଡାକ୍ତର ରାଜେନ୍ଦ୍ର



କୁମାର ।

ଅଭାବ ଅନଟନ ଭିତରେ କଟିଛି ତାଙ୍କର ଶୈଶବ । ବାପା ଥିଲେ ସ୍ୱାଭିମାନୀ ପାଲାଗାୟକ । ବାପାଙ୍କ ବିଭିନ୍ନ ଭାଷାରେ ଥିବା ଜ୍ଞାନ ଏବଂ ଶହ ଶହ କାବ୍ୟ ଗ୍ରନ୍ଥ ପଢି ତାକୁ ମୁଖସ୍ଥ କରି ମନୋମୁଗ୍ଧକର ପାଲା ପରିବେଷଣ କରିବାର ଗୁଣ ଖୁବ୍ ପ୍ରଭାବିତ କରିଥିଲା ରାଜେନ୍ଦ୍ରଙ୍କୁ । ବଡ଼ ଭାଇ ତବଲା ବାଦକ, ଗାୟକ । ଘରେ ସାହିତ୍ୟ ଓ ସଙ୍ଗୀତର ବାତାବରଣ ଉଜ୍ଜୀବିତ କରି ରଖୁଥିଲା ଘରର ଅଭାବୀ ପରିବେଶକୁ । ଜୀବନର ସକାରାତ୍ମକ ଭାବଟି ଖୋଜି ପାଇଥିଲେ ରାଜେନ୍ଦ୍ର ସେହି ଜୀବନ୍ତ ପରିବେଶରୁ ପିଲାଟି ଦିନୁଁ । ରାଜେନ୍ଦ୍ର ଗାଇବା ଶିଖିଥିଲେ ସେହି ପରିବେଶରୁ । ଗାଇବା ଭିତରେ ପାଠମନସ୍କ ରହୁଥିଲେ । ଆଙ୍କୁଥିଲେ । ଆଙ୍କିବା ଭିତରେ ନିଜ ଜୀବନର ଗତିକୁ ନିର୍ଦ୍ଧାରଣ କରୁଥିଲେ । ବିଦ୍ୟାଳୟ ଜୀବନର ଆରମ୍ଭରୁ ମେଧାବୀ ଥିଲେ ରାଜେନ୍ଦ୍ର । ଡାକ୍ତର ହେବାର ପୃଷ୍ଠଭୂମି ସମ୍ପର୍କରେ କୁହନ୍ତି,' ଚତୁର୍ଥ ଶ୍ରେଣୀରେ ପଢୁଥିଲାବେଳେ ଗାଁର ଜଣେ ଗରୀବ ବୁଢ଼ୀ ମାଆ ଖାଦ୍ୟ ଓ ଚିକିତ୍ସା ଅଭାବରେ ଅନ୍ଧତ୍ୱ ଭୋଗିଲେ ଏବଂ ସେହି ଯନ୍ତ୍ରଣାରେ କିଛି ମାସ ପରେ ମୃତ୍ୟୁବରଣ କଲେ । ତେଣୁ ଡାକ୍ତର ହେବି ଏବଂ ଚକ୍ଷୁ ଡାକ୍ତର ହେବି ବୋଲି ମନସ୍ଥ କରିଥିଲି ।' ସେହି ସମୟକୁ ପାଖରୁ ଦେଖିଥିବା ରାଜେନ୍ଦ୍ର ସଂକଳ୍ପ କରିଥିଲେ ଡାକ୍ତର ହେବେ ତାହା ପୁଣି ଚକ୍ଷୁ ଡାକ୍ତର । ସଂକଳ୍ପ ପଥରେ ଅନେକ ପ୍ରତିବନ୍ଧକ ଆସିଛି । ଗାଁରୁ କେବେ ଛଅ କିଲୋମିଟର ତ କେବେ ବାର କିଲୋମିଟର ରାସ୍ତା ସେ ପାଦରେ ଚାଲି ନିକଟସ୍ଥ ଶିକ୍ଷାନୁଷ୍ଠାନକୁ ପଢିବାକୁ



ଯାଇଛନ୍ତି । ନୂଆ ବର୍ଷ ପାଇଁ ଶୁଭେଚ୍ଛା କାର୍ଡ ତିଆରି ବିକ୍ରି କରିଛନ୍ତି ନିଜ ପଢ଼ା ଖର୍ଚ୍ଚ ଉଠେଇବା ପାଇଁ । କୁହନ୍ତି,'କିଛି ପଇସା ପାଇବା ପାଇଁ ମୁଁ ଆଙ୍କିବା ଆରମ୍ଭ କରିଥିଲି ଚିତ୍ର ; ସମୟକ୍ରମେ ଆଜି ତାହା ଡଲାରରେ ବିକ୍ରିହେଉଛି ।' ସଂପର୍କୀୟଙ୍କ ଷ୍ଟୁଡିଓ ଥିଲା । ସେଥିରୁ ସେ ଶିଖିଛନ୍ତି ଫଟୋଗ୍ରାଫି, ରଙ୍ଗର ଫ୍ୟୁଜନ୍ । ରାଜେନ୍ଦ୍ର ଆର୍କିଲିକ, ଅଙ୍ଗାର, ଅଏଲକୁ ମାଧ୍ୟମ କରି ସୁନ୍ଦର ଚିତ୍ର ଆଙ୍କନ୍ତି । ନିଜ ଚିତ୍ରକଳାକୁ ନେଇ ଅନେକଥର ସେ ପ୍ରଦର୍ଶନୀ ଆୟୋଜନ କରି ପ୍ରଶଂସିତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି ।

ନିରବତାର ମାନଚିତ୍ର, ଅଙ୍କକଷା, ଫେସବୁକ କବିତା, କେହିଜଣେ ଅନ୍ତରଙ୍ଗ, ସାମ୍ରାଜ୍ୟରେ ନକ୍ସା, ଖାମୋସୀ କେ ନାଖୁସ ଭଳି ପୁସ୍ତକମାନ ସେ ଭେଟି ଦେଇଛନ୍ତି ସାହିତ୍ୟ ଜଗତକୁ । ସାଂସ୍କୃତିକ ପରିବେଶରେ ବଢିଥିବା ରାଜେନ୍ଦ୍ରଙ୍କ ପରିବାର ସମ୍ପ୍ରତି ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ପାଇଁ କାମ କରୁଛି । ନିଜେ ରାଜେନ୍ଦ୍ର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଜ ବୃତ୍ତି ସହିତ ତୁଲେଇ ଆସୁଛନ୍ତି । କେବେ କେବେ ଆଠ ଦଶ ଘଣ୍ଟାର ସଫଳ ମାରାଥନ ଅସ୍ତ୍ରୋପଚାର କରୁଥିବା ଡାକ୍ତର ରାଜେନ୍ଦ୍ର କୁହନ୍ତି ସଙ୍ଗୀତ ହିଁ ଶକ୍ତି ଦିଏ ତାଙ୍କୁ । ସଙ୍ଗୀତ ତା'ର ସକାରାତ୍ମକ ଉର୍ଜାରେ ଆଚ୍ଛନ୍ନ କରିରଖିଥାଏ ତାଙ୍କ ଫୁର୍ତ୍ତି




ଭାବକୁ । ଦାରିଦ୍ର୍ୟ, ସଙ୍ଘର୍ଷ, ଯନ୍ତ୍ରଣା ତାଙ୍କ ମନକୁ ଦୁଃଖୀ କରିବା ପରିବର୍ତ୍ତେ ତାଙ୍କ ଭିତରେ ଜିତିବାର ଜିଦ୍ ବଢ଼େଇଥାଏ । ସେ କୁହନ୍ତି, 'ଯାହା ମୁଁ ଇଚ୍ଛା କରିଛି ତାକୁ ସାକାର କରିବାକୁ ମୁଁ ପରିଶ୍ରମ କରିଛି ଏବଂ ସଫଳ ହୋଇଛି । ମହାସାଗର ଗର୍ଭରେ ଜୀବନକୁ ଦେଖିବାକୁ ଚାହିଁଛି - ଯାଇଛି । ଆକାଶରେ ଥାଇ ପୃଥିବୀକୁ ଦେଖିବାକୁ ଚାହିଁଛି - ହୋଇଛି । ମରୁଭୂମିରେ ଦିନ ଦିନ ଥାଇ ଶୁଷ୍କତାର ଅନୁଭୂତି ସାଉଁଟିଛି । ଚଉଦଟା ଦେଶ ବୁଲି ସେଦେଶର ସଂସ୍କୃତିକୁ, ପାଣି ପବନକୁ ଜାଣିବାକୁ ଚାହିଁଛି -ହୋଇଛି । ସେହି ଦେଶରେ ମୋ କାମକୁ ସମ୍ମାନ ଓ ସ୍ୱୀକୃତି ମିଳିଛି ।' ଦେଶ ବିଦେଶରେ ଡାକ୍ତର ପ୍ରଶିକ୍ଷକ ଭାବରେ କାମ କରି ଅନେକ ସଫଳ ଡାକ୍ତର ତିଆରି କରିଛନ୍ତି ରାଜେନ୍ଦ୍ର । ଜଣେ ସଫଳ ପାରିବାରିକ ମଣିଷ, ଜଣେ ନାମକରା ଡାକ୍ତର, ଜଣେ ଉତ୍ତମ ସାହିତ୍ୟ ସଙ୍ଗଠକ, ସୁପରିଚିତ କବି ଓ କଥାକାର ହିସାବରେ ରାଜେନ୍ଦ୍ରଙ୍କ କାମର ଚର୍ଚ୍ଚା ହୁଏ ।



ଚିକିତ୍ସା ସେବା ପାଇଁ ଭାରତ ଜ୍ୟୋତି ରାଜୀବ ଗାନ୍ଧୀ ଉତ୍କୃଷ୍ଟ ସମ୍ମାନ, ରୋଟାରୀ ଇଣ୍ଟରନ୍ୟାସନାଲ ସମ୍ମାନ, ଦୁବାଇରୁ ଗୋଲଡ୍ ଷ୍ଟାର ସମ୍ମାନ, ତାସକେଣ୍ଟରୁ ସାଉଥ ଏସିଆନ୍ ଇଣ୍ଟରନ୍ୟାସନାଲ ସମ୍ମାନ, ନେସନାଲ ମଣ୍ଡେଲା ବିଶ୍ୱଶାନ୍ତି ସମ୍ମାନ, ଗ୍ଲୋବାଲ ଆଚିଭର ସମ୍ମାନ, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ସମ୍ମାନ ଭଳି ଅନେକ ସମ୍ମାନ ସମ୍ବର୍ଦ୍ଧନା ପ୍ରାପ୍ତ ହୋଇଛନ୍ତି । ସେହିଭଳି ସାହିତ୍ୟ ପାଇଁ ରାମଚନ୍ଦ୍ର ମହାବିଦ୍ୟାଳୟରୁ ସମ୍ମାନ, ନବୀନ ଭୂଷଣ ସମ୍ମାନ, ଖଲ୍ଲିକୋଟ ସାସ୍କୃତିକ ସମ୍ମାନ, ମାସ୍କୋ ଅନୁଷ୍ଠାନ ସାହିତ୍ୟ ସମ୍ମାନ, ବନକୁସୁମ ସାହିତ୍ୟ ସମ୍ମାନ, ଆଇକନିକ ଆଚିଭର ଇଣ୍ଟରନ୍ୟାସନାଲ ଲିଟରେଚାର ଆୱାର୍ଡ, କବିସୂର୍ଯ୍ୟ ବଳଦେବ ରଥ ସ୍ମୃତି ସମ୍ମାନ, ମହାନଗର ଉତ୍ସବ ସମ୍ମାନ, ବିକ୍ଷିପ୍ତା ସାହିତ୍ୟ ସମ୍ମାନ ଭଳି ଅନେକ ମାନସମ୍ମାନ ଅର୍ଜନ କରିଛନ୍ତି । ରାଜେନ୍ଦ୍ରଙ୍କ ସହ ସଂସ୍ପର୍ଶରେ ଆସିଥିବା ଯେକେହି ଅଚିରେ ଜାଣିପାରିବେ ରାଜେନ୍ଦ୍ର ସେହି ସ୍ୱପ୍ନକୁ ହିଁ ଇଚ୍ଛା କରି ଦେଖନ୍ତି ଯାହାର ସାମାଜିକ ଆବଶ୍ୟକତା ଅଛି । ସ୍ୱପ୍ନକୁ ପୂରଣ କରିବା ପାଇଁ କଳ୍ପନା ଶକ୍ତି ଅପେକ୍ଷା ବୌଦ୍ଧିକ ଶକ୍ତିର ଉପଯୋଗ କରନ୍ତି ।

ପ୍ରସ୍ତୁତି-ଶ୍ରୀଗୋବିନ୍ଦ

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# କେଉଁ କାରଣରୁ ହ୍ୱାଇଟ ଡିସ୍‌ଚାର୍ଜ ?

ଡାକ୍ତର କାନ୍ତୀ ନାୟକ







ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ରକ୍ତହୀନତା ଯେପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଠିକ ସେହିପରି ସ୍ୱାସ୍ଥ୍ୟହାନୀ କ୍ଷେତ୍ରରେ ହ୍ୱାଇଟ ଡିସଚାର୍ଜର ମଧ୍ୟ ଭୂମିକା ରହିଛି । ହ୍ୱାଇଟ ଡିସଚାର୍ଜ ବା ଧଳା ସ୍ରାବ ଅବା ଶ୍ୱେତ ପ୍ରଦର ଝିଅମାନଙ୍କ ଠାରେ ଦେଖାଯାଏ । ଏହା ସାମାନ୍ୟ ହେଲେ ଚଳିବ କିନ୍ତୁ ଏହା ଅତ୍ୟଧିକ ହେଲେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ଫଳରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ଏବେ ଆସନ୍ତୁ ଜାଣିବା କାହିଁକି ହୁଏ ଏହି ସମସ୍ୟା । ସବୁଠାରୁ ପ୍ରମୁଖ କାରଣ ହେଉଛି ବ୍ୟାକ୍ଟେରିଆ ଇନଫେକ୍ସନ : ଯୌନାଙ୍ଗ ସଫା ଓ ସୁତୁରା ନ କରିବା ହେତୁ ବ୍ୟାକ୍ଟେରିଆ କିମ୍ବ ଫଙ୍ଗଲ ଇନଫେକ୍ସନ ହୋଇଥାଏ । ଫଳରେ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଣୁ ସର୍ବଦା ଯୌନାଙ୍ଗ ସଫାସୁତୁରା ପ୍ରତି ଧ୍ୟାନ ଦିଅନ୍ତୁ । ହର୍ମୋନ ସମସ୍ୟା : ହର୍ମୋନ ସମସ୍ୟା ଯୋଗୁଁ ମଧ୍ୟ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଋତୁସ୍ରାବ ଓ ଗର୍ଭ ଧାରଣ ଏବଂ ମେନୋପଜ ସମୟରେ ହର୍ମୋନରେ ଅସନ୍ତୁଳନ ଦେଖାଯାଏ । ଯାହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଥିରେ ହେଳା ନକରି ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ବାରମ୍ବାର ଗର୍ଭପାତ କଲେ : ବାରମ୍ବାର ଗର୍ଭପାତ କରିବା ଦ୍ୱାରା ଗର୍ଭାଶୟ ଓ ପରିସ୍ରା ଦ୍ୱାର ଇନଫେକ୍ସନ ହୋଇଥାଏ । ଏହାର ପ୍ରଭାବରେ ହ୍ୱାଇଟ ଡିସଚାର୍ଜର ମାତ୍ରା ବଢ଼ିଯାଏ । ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ, ତେଣୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରୁହନ୍ତୁ ।

ସେହିପରି ଡାଇବେଟିସ ପରି ରୋଗ ହେବା ଦ୍ୱାରା ଯୌନାଙ୍ଗ ଇନଫେକ୍ସନ ଅଧିକ ହୋଇଥାଏ । ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୁଏ । ଏଣୁ ଡାକ୍ତରଙ୍କ ପରାମର୍ଶ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ । ଅସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ । ଅଧିକ ତେଲ ମସଲା, ଜଙ୍କଫୁଡ, ତୈଳାକ୍ତ ଖାଦ୍ୟ ଓ ଚର୍ବି ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏବଂ ଅଧିକ ଉପବାସ ରଖିବା ଦ୍ୱାରା ମଧ୍ୟ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଏଣୁ ଏସବୁ ଖାଦ୍ୟରୁ ଦୂରେଇ ରୁହନ୍ତୁ । ସେହିପରି ଅନେକଙ୍କ କ୍ଷେତ୍ରରେ ମାମୁଲି ଲାଗୁଥିଲେ ବି ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ମଧ୍ୟ ଏକ ବଡ଼ କାରଣ । ଗର୍ଭ ନିରୋଧକ ଉପାୟ ଅବଲମ୍ବନରେ କୌଣସି କ୍ଷତ ଅବା ଭୁଲ ଉପାୟରେ ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଆଭ୍ୟନ୍ତରଣୀୟ ଅଙ୍ଗରେ କ୍ଷତ ହୋଇପାରେ । ଏହାଦ୍ୱାରା ମଧ୍ୟ ହ୍ୱାଇଟ ଡିସଚାର୍ଜ ହୋଇଥାଏ । ଗର୍ଭନିରୋଧକ ଉପାୟ ବିଷୟରେ ପ୍ରମୁଖ ଜାଣିବା କଥାଟି ହେଉଛି ଗର୍ଭନିରୋଧକ ଗୋଳି ଓ ଗର୍ଭନିରୋଧକ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରିବା ଦ୍ୱାରା ଯୌନାଙ୍ଗ ଓ ଗର୍ଭାଶୟ ଇନଫେକ୍ସନ ହୋଇଥାଏ । ଏହାଦ୍ୱାରା ହ୍ୱାଇଟ ଡିସଚାର୍ଜ ହୋଇଥାଏ ।



ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ମନେରଖନ୍ତୁ । ଯୌନାଙ୍ଗ ସଫା ସୁତୁରା ଉପରେ ଧ୍ୟାନ ଦିଅନ୍ତୁ । ଯୌନାଙ୍ଗର ଅଂଶକୁ ଫିଟିକିରି କିମ୍ବା ବୋରିକ୍ସ ପାଉଡର ପାଣିରେ ଧୁଅନ୍ତୁ । ଉତ୍ତମ କ୍ୱାଲିଟ ଅଣ୍ଡରଗାରମେଣ୍ଟ ବ୍ୟବହାର କରନ୍ତୁ । ଏହାକୁ ମଧ୍ୟ ସଫା ସୁତୁରା କରନ୍ତୁ । ଅପରିଷ୍କାର ଅଣ୍ଡରଗାରମେଣ୍ଟ ପିନ୍ଧନ୍ତୁ ନାହିଁ । ଉତ୍ତମ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ସବୁଜ ପନିପରିବା, ସାଲାଡ଼, ଆଇରନ ଓ ପ୍ରୋଟିନ ଯୁକ୍ତ ଖାଦ୍ୟ ପ୍ରଚୁର ମାତ୍ରାରେ ଖାଆନ୍ତୁ । ଜଙ୍ଗଫୁଡ, ଅଧିକ ତେଲ ମସଲା, ମିଠା, କୋଲ୍ଡ ଡ୍ରିଙ୍କସ ପରି ଖାଦ୍ୟ ଖାଆନ୍ତୁ ନାହିଁ । ସହଜରେ ସୁଚାରୁରୂପେ ହଜମ ହୋଇପାରୁଥିବା ଖାଦ୍ୟ ଖାଆନ୍ତୁ । ଚିନ୍ତା କରନ୍ତୁ ନାହିଁ । ଧୂମପାନ, ଆଲକୋହଲ ପରି ବଦଭ୍ୟାସ ଠାରୁ ଦୂରେଇ ରୁହନ୍ତୁ । ସାବଧାନତାର ସହିତ ଶାରୀରିକ ସମ୍ପର୍କ ରଖନ୍ତୁ ।

ଯଦି ଅଧିକ ଡିସଚାର୍ଜ ହେଉଛି ତେବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସାମାନ୍ୟ ହେଉଥିଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ଡିସଚାର୍ଜ ଧଳା ପରିବର୍ତ୍ତେ ହଳଦିଆ, ଲାଲ କିମ୍ବା ଅନ୍ୟାନ୍ୟ କୌଣସି ରଙ୍ଗର ହେଉଥିଲେ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ । ଡିସଚାର୍ଜ ସମୟରେ କୁଣ୍ଡାଇ ହେବା, ପୋଡିବା ଅବା ଦରଜ ପରି ସମସ୍ୟା ଦେଖାଦେଉଥିଲେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ଅଭିଜ୍ଞ ଡାକ୍ତର କିମ୍ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଡିସଚାର୍ଜ ସମୟରେ ଦୁର୍ଗନ୍ଧ ହୋଇଥିଲେ ପତଳା କିମ୍ବା ଅତ୍ୟଧିକ ଗାଢ଼ ଡିସଚାର୍ଜ ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏଭଳି ବିଭିନ୍ନ ସମସ୍ୟା ଦେଖାଯାଉଥିଲେ ହେଳା ନକରି ଡାକ୍ତରଙ୍କ ଚିକିତ୍ସାରେ ରହିବାକୁ ଭୁଲନ୍ତୁ ନାହିଁ । ହ୍ୱାଇଟ ଡିସଚାର୍ଜ ଅଧିକ ହେଉଥିଲେ ଏବଂ ଚିକିତ୍ସାରେ ନରହିଲେ, ଏହା ଶରୀରକୁ ଦୁର୍ବଳ କରିଦେବ । ଏହାର ପ୍ରଭାବରେ ଓଜନ କମିଯିବ । ତ୍ୱଚା ଶୁଖିଯିବ । ଚିନ୍ତା ବଢ଼ିଯିବ ଓ ଅଧିକ ଚିଡ଼ିଚିଡ଼ା ଲାଗିବ । ଏଣୁ ପ୍ରଥମରୁ ଏହାକୁ ଦୂର କରିବା ପାଇଁ ଡାକ୍ତରଙ୍କ ଚିକିତ୍ସାରେ ରୁହନ୍ତୁ । ସୋସିଆଲ ମିଡ଼ିଆ ବା ଅନ୍ୟ କାହାଙ୍କ କଥା ଶୁଣି ମନଇଛା ମେଡ଼ିସିନ ଗ୍ରହଣ କରନ୍ତୁ ନାହିଁ । ଡାକ୍ତରଙ୍କ ଉପରେ ଭରଷା ରଖନ୍ତୁ ଏବଂ ଆପଣ ଆପଣଙ୍କ ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ଭଲ ରୁଟିନ ତିଆରି କରି ସେହିପରି ଜୀବନଚର୍ଯ୍ୟା ବିତାନ୍ତୁ । ବାଶୀ ଖାଦ୍ୟ, ଗରିଷ୍ଠ ଖାଦ୍ୟ, ଆମିଷ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । ସମସ୍ୟାର ପ୍ରଥମ ଅବସ୍ଥାରୁ ହିଁ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏ ସମସ୍ୟାରୁ ଉପଶମ ପାଇପାରିବେ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,**
**ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,**
E-mail : drkanti111nayak@gmail.com

ମହକ

## ଯୁବ ସମାଜସେବୀ:

# ସନ୍ତୋଷ କୁମାର ରାଉତ



ଆମ ସମାଜରେ ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନୁ ସେହିମାନଙ୍କର ପ୍ରତିଭା ସୁଦୂର ପ୍ରସାରୀ ହୋଇଥାଏ ଏବଂ ପରବର୍ତ୍ତୀ ସମୟରେ ନିଜର ଅନନ୍ୟ ପ୍ରତିଭାର ବିକାଶ ଦିଗରେ ସେମାନେ ସାଧନାତର ଓ ପ୍ରଶଂସିତ ହୁଅନ୍ତି। ଛାତ୍ର ଜୀବନରୁ ଶିକ୍ଷାଗ୍ରହଣ ସହ ସମାଜସେବା ପ୍ରତି ରୁଚି ରଖିବା, ବହୁମୁଖୀ ପ୍ରତିଭା, ଉଦାରପ୍ରାଣ, ମାନବବାଦୀ, ଦରଦୀ ବନ୍ଧୁ, ପରିବେଶବିତ୍, ପ୍ରବୀଣ ରାଜନୀତିଜ୍ଞ ତଥା ଯୁବ ସମାଜସେବୀ ସନ୍ତୋଷ କୁମାର ରାଉତ ଅନ୍ୟତମ। ପିତା ବଲ୍ଲଭ ଚରଣ ରାଉତ, ମାତା ସ୍ୱର୍ଗତା ସଂଯୁକ୍ତା ରାଉତ(ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଜୋନ୍ - ୪୬ ସାଲେପୁର)ଙ୍କ ସୁପୁତ୍ର ୧୯୮୫ ମସିହାରେ କଟକ ଜିଲ୍ଲା ସାଲେପୁର ବ୍ଲକ୍ ପୁରୁଣାହାଟ ପଞ୍ଚାୟତର କିଶନନଗର ଥାନା ଉପକଣ୍ଠ ସୋଗଲ ଗ୍ରାମରେ ତାଙ୍କର ଜନ୍ମ । ଛାତ୍ର ଜୀବନରୁ ସମାଜସେବା, ରାଜନୀତି, ପରିବେଶ ସୁରକ୍ଷା, କ୍ରୀଡା ପ୍ରତି ତାଙ୍କର ଆଗ୍ରହଥିଲା। ନିଜ ଗ୍ରାମ ସୋଗଲ ସ୍ଥିତ ମଦନମୋହନ ୟୁପି ସ୍କୁଲରୁ ବାଲ୍ୟ ଶିକ୍ଷା ଆରମ୍ଭ କରି, ନୀଳକଣ୍ଠେଶ୍ୱର ଏମ୍ଇ ସ୍କୁଲ ସୋଗଲ ପରେ ଯତୀନ୍ଦ୍ରନାଥ ବିଦ୍ୟାପୀଠ ସମିତଙ୍ଗାରୁ ମାଟ୍ରିକ ଓ ଏହି ସାଧକ ଜଣକ କିଶନନଗର ମହାବିଦ୍ୟାଳୟରୁ ସଫଳତାର ସହ ବିଏସ୍ସି ପାଠ୍ୟକ୍ରମ ଶେଷ କରିଛନ୍ତି । ମହାବିଦ୍ୟାଳୟ ସ୍ତରରେ କିଶନନଗର ମହାବିଦ୍ୟାଳୟରେ ସେ ଅଗ୍ରଣୀ ଛାତ୍ରନେତା ଭାବେ ଖୁବ୍ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି । ଅଧୁନା ଜଣେ ସଫଳ ବ୍ୟବସାୟୀ ଭାବେ ନିଜର ବ୍ୟବସାୟ କାର୍ଯ୍ୟ କରୁଛନ୍ତି ଏଥି ସହ ବହୁ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ କର୍ମସଂସ୍ଥାନ ଯୋଗାଇଛନ୍ତି। ସେ ନିଜ ଅଞ୍ଚଳରେ ଥିବା ବୋଇଲୋ ସ୍ୱପ୍ନେଶ୍ୱର ବାଳାଶ୍ରମରେ ସେବାକାର୍ଯ୍ୟ ସହ ଅସହାୟ ଲୋକମାନଙ୍କ ସେବା ପ୍ରଦାନ, ଖାଦ୍ୟ ଯୋଗାଇବା, ବିଭିନ୍ନ ଚିକିତ୍ସାଳୟରେ ରୋଗୀ ସେବା, ଚିକିତ୍ସାଳୟ ମାନଙ୍କୁ ସଫା କରିବା, ଜରାଶ୍ରମରେ କମ୍ବଳ ବଣ୍ଟନ, କରୋନା ମହାମାରୀ ସମୟରେ କରୋନା ଯୋଦ୍ଧା ଭାବେ ନିରବିଚ୍ଛନ୍ନ ସେବା, ବିଶୋଧନ କାର୍ଯ୍ୟକ୍ରମ, ନୋଜମାସ୍କ ବଣ୍ଟନ, ଯୁବବନ୍ଧୁ ମାନଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ, ଗ୍ରାମାଞ୍ଚଳରେ କୃଷିର ବିକାଶ, କୃଷକ ମାନଙ୍କୁ ନେଇ କର୍ମଶାଳା, ଗାଁରେ ଚାରା ଲଗାଇବା ସହ ବହୁ ଚାରା ବଣ୍ଟନ, ଧାର୍ମିକ ତଥା ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସହଯୋଗ, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ଆଦି ଅନେକ ଜନମଙ୍ଗଳ କାର୍ଯ୍ୟକରି ସମଗ୍ର ରାଜ୍ୟରେ ଉଚ୍ଚ ପ୍ରଶଂସିତ ଆଉ ବିଭିନ୍ନ ସଂଗଠନ ଦ୍ୱାରା ସମ୍ମାନିତ। ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ନେଇ ସେ ଖୁବ୍ ଜାଗ୍ରତ ଓ ସେହି ଦିଗରେ ବିଦ୍ୟାଳୟ ମାନଙ୍କୁ ଯଥୋଚିତ ସାହାଯ୍ୟ ସହଯୋଗ ପ୍ରଦାନ କରୁଛନ୍ତି ଏବଂ ନିଜ ଅଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଜଣେ ଉଚ୍ଚକୋଟୀର ବକ୍ତା ଭାବେ କୋମଳମତି ପିଲା ମାନଙ୍କୁ ଭଲ ମଣିଷ ହେବାର ହିତ ଉପଦେଶ ପ୍ରଦାନ କରିଥାନ୍ତି। ସାଙ୍ଗଠନିକ ଦକ୍ଷତା, ସମାଜସେବାର ଉତ୍କୃଷ୍ଟ କଳା ପାଇଁ ସେ ସମସ୍ତଙ୍କର ପ୍ରିୟ ରଂଜନ ଭାଇ ଭାବେ ପରିଚିତ ଜଣେ ପ୍ରତିଭାଧର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। କଳା, ସାହିତ୍ୟ, ସଂସ୍କୃତିକୁ ଭଲ ପାଉଥିବା ଏହି ମଣିଷ ଜଣକ ନିଜ ଗ୍ରାମରେ ଶିକ୍ଷିତ ଯୁବପିଢ଼ି ମାନଙ୍କୁ ନେଇ ମା' ମଙ୍ଗଳା କମିଟି ସୋଗଲ, ନିଜ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ(ଏସଏମସିଟି) ଗଠନ କରିଛନ୍ତି ଏବଂ ଜିଲ୍ଲାର ବହୁ ସଙ୍ଗଠନ ସହ ଜଡ଼ିତ ହୋଇ ପୂଜ୍ୟପୂଜା, ମେଧା ପ୍ରତିଭା ସମ୍ମାନ, ଶିକ୍ଷାଦାନ, ଚାରାରୋପଣ, ଗାଁ ପରିବେଶକୁ ସଫା ରଖିବା, ଗ୍ରାମ ମଠ, ମନ୍ଦିରର ପୁନରୁଦ୍ଧାର କରି ନିଜ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ତାଙ୍କ ମାତା ସ୍ୱର୍ଗତା ସଂଯୁକ୍ତା ରାଉତ (୧୯୫୮-୨୦୨୩)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସେ ତାଙ୍କ ସ୍ମୃତିରେ ଏକ ସ୍ମରଣିକା 'ସ୍ମୃତିରେ ସଂଯୁକ୍ତା' ପ୍ରକାଶନ କରିବା ସହ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରି ସ୍ମୃତି ଚାରଣ, ମେଧା ପ୍ରତିଭାକୁ ସଂଯୁକ୍ତା ଦେବୀ ମେଧା ପ୍ରତିଭା ସମ୍ମାନ ପ୍ରଦାନ, ପୂଜ୍ୟପୂଜା, ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ, ଚାରା ବଣ୍ଟନ ଆଦି ଖୁବ୍ ମାନବୀୟ କାର୍ଯ୍ୟ କରି ନିଜ ପୂଜ୍ୟା ମାତୃଦେବୀଙ୍କ ମହନୀୟ ସ୍ମୃତିକୁ ଉଜ୍ଜୀବିତ କରି ସେହି ଦିଗରେ ଆଜି ସାଧନାରତ ସୁଯୋଗ୍ୟ ସନ୍ତାନର ଅସଲ ପରିଚୟ ପ୍ରଦାନ କରିଛନ୍ତି ଯାହାକି ଆଜିର ସମାଜ ପାଇଁ ଏକ ବଳିଷ୍ଠ ଆହ୍ୱାନ। ତାଙ୍କ ମା' ଆଜି ନାହାଁନ୍ତି କିନ୍ତୁ ତାଙ୍କ ଠାରୁ ଅନେକ ପ୍ରେରଣା ପାଇଛନ୍ତି ସେବା ଓ ରାଜନୀତି କ୍ଷେତ୍ରରେ ବୋଲି ଯୁବ ରାଜନୀତିଜ୍ଞ ସନ୍ତୋଷ ପ୍ରକାଶ କରିଛନ୍ତି। ସାଲେପୁର, କଟକ ସଦର, ବାରଙ୍ଗ ଓ ନିଆଳି ଆଦି କିଛି ନିର୍ବାଚନ ମଣ୍ଡଳୀ ରାଜନୀତି କ୍ଷେତ୍ରରେ ତାଙ୍କର ସକ୍ରୀୟ ଭୂମିକା, ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ଅଂଶ ଗ୍ରହଣ, ସାଧାରଣ ଜନତାଙ୍କ ସ୍ୱରରେ ସ୍ୱର ମିଳାଇବା, ସେମାନଙ୍କ ସୁଖ ଦୁଃଖରେ ଭାଗି ହେବା ସହ ସହାୟତା ପ୍ରଦାନ, ସେମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିବା, ଲୋକପ୍ରିୟ ସରକାରଙ୍କ ପାଖରେ ସେମାନଙ୍କ ଦାବୀ ଉପସ୍ଥାପନା କରିବା, ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଆଦି ଅନେକ ଜନହିତକର କାର୍ଯ୍ୟର ସେ ଜଣେ ସୃଜନଶୀଳ ରାଜନେତା। ନିଜ ଅଞ୍ଚଳରେ ଜାତୀୟ ଚେତନା, ସମାଜ ସଂସ୍କାର, ଜନଜାଗରଣ ସୃଷ୍ଟି କରିବା ସହ ଅନେକ କ୍ରାନ୍ତିକାରୀ ଆନ୍ଦୋଳନର ସେ ଅନନ୍ୟ ବାର୍ତ୍ତାବହ। ତାଙ୍କ ଜ୍ୟେଷ୍ଠ ଭ୍ରାତା ବିଶିଷ୍ଟ ସମାଜସେବୀ, ମାନବବାଦୀ ବିଜ୍ଞ ପୁରୁଷ ଏମ୍ଇପି ବିଭାଗରେ ସିନିଅର ମ୍ୟାନେଜର ବା ବୈଷୟିକ ବିଦ୍ୟାର ଉଚ୍ଚସ୍ତରୀୟ ଗବେଷକ ଇଂ.ବସନ୍ତ କୁମାର ରାଉତଙ୍କ ପ୍ରେରଣା ସହଯୋଗ ମଧ୍ୟ ସନ୍ତୋଷଙ୍କ ସାରସ୍ୱତ ସାଧନା ଜୀବର ଚଳାପଥକୁ ସରସ ସୁନ୍ଦର ମାର୍ଜିତ କରିବାରେ ଦ୍ୱିଗୁଣିତ କରିଛି। ଏହି ବହୁମୁଖୀ ପ୍ରତିଭା ସନ୍ତୋଷଙ୍କ ଚଳାପଥ କୁସୁମିତ ହେଉ ତାଙ୍କ ସ୍ୱପ୍ନ ହେଉ ସଫଳ, ସମାଲବ୍ଧ ଆଉ ଶୁଭଙ୍କର ଆମେ ଏତିକି ଆଶାବାଦୀ।





# ପକ୍ଷୀମାନେ 'ଭି' ଆକାରରେ ଉଡ଼ନ୍ତି କାହିଁକି



ପିଲାମାନଙ୍କୁ ନେଇ ଆପଣ କେବେ ପକ୍ଷୀ ବିହାର ଯାଇଛନ୍ତି ? ଆପଣଙ୍କ ଗାଁ ଗଣ୍ଡାରେ ପକ୍ଷୀମାନେ ଉଡି ଯାଉଥିବାର ଦୃଶ୍ୟ ବି ଆପଣ ଦେଖିଥିବେ। ଆପଣ ଗୋଟିଏ କଥା ଲକ୍ଷ୍ୟ ରଖିଥିବେ ଯେ ଏହି ପକ୍ଷୀମାନେ ଇଂରାଜୀ ଅକ୍ଷର 'ଭି' ଆକାରରେ ଉଡୁଥାନ୍ତି। ଅନେକଙ୍କ ପାଇଁ ଏହା ରହସ୍ୟମୟ ଓ ଉତ୍ସୁକତା ସୃଷ୍ଟି କରିଥାଏ। ପକ୍ଷୀମାନେ ଭି ଆକାରରେ ଉଡିବା ପଛରେ ଭିନ୍ନ ଭିନ୍ନ କାରଣ ଥିବା କୁହାଯାଏ। ଏହା ଉପରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ନାନା ଗବେଷଣା ବି କରିଛନ୍ତି। ଆଉ ଜଣାପଡ଼ିଛି ଯେ, ଏହି ପ୍ରକାରରେ ରହି ଉଡିଲେ ପକ୍ଷୀମାନେ ସହଜରେ ଉଡିପାରନ୍ତି। ଏଭଳି ଉଡିବା ସମୟରେ ସବୁଠୁ ଆଗରେ ଥିବା ପକ୍ଷୀ ଅନ୍ୟ ପକ୍ଷୀଙ୍କୁ ଗାଇଡ଼ କରେ। ଲଣ୍ଡନ କଲେଜ ଅଫ ଭେଟେନାରୀର ପ୍ରଫେସର ଜେମ୍ସ ଉଶରଉଡ୍ଡ କହନ୍ତି ପକ୍ଷୀମାନେ ଏଭଳି ଉଡିବା ଦ୍ୱାରା ପବନର ପ୍ରତିରୋଧ ଶକ୍ତି କମ ହୁଏ। ପରସ୍ପର ଦ୍ୱାରା ଉତ୍ପନ୍ନ ପବନ ବି କମେ। ଫଳରେ ଚଢ଼େଇଙ୍କ ଉଡିବା ସହଜ ହୁଏ। ଏହାବାଦ ଏଭଳି ଉଡିଲେ ପକ୍ଷୀଙ୍କୁ ସାମ୍ନା ଭାଗ ଭଲରେ ଦେଖାଯାଏ।


ଅର୍ଥାତ ପକ୍ଷୀ ଗୁଡ଼ିକ ପଛକୁ ପଛ ରହିବା ଦ୍ୱାରା ସାମ୍ନାରେ ଥିବା ପକ୍ଷୀ ଯାହା ଦେଖିପାରନ୍ତି ପଛ ଚଢ଼େଇ ବି ତାହା ଦେଖିପାରନ୍ତି। ଫଳରେ ସେମାନଙ୍କୁ ସହଜରେ ଶିକାରୀ ଓ ବିପଦରୁ ରକ୍ଷା ପାଇବାରେ ସାହାଯ୍ୟ ମିଳିଥାଏ। ତା' ସହ ଏଭଳି ଉଡିବା ଯୋଗୁ ପରସ୍ପର ସହ ଯୋଗାଯୋଗ କରିବା ବି ସହଜ ହୁଏ। ଆଉ ଗ୍ରୁପର ମୁଖ୍ୟଙ୍କୁ ଅନୁସରଣ କରିବା ସହଜ ହୁଏ। କିଛି ବୈଜ୍ଞାନିକ ଏହା ବି କୁହନ୍ତି ଯେ ଗ୍ରୁପ୍ ହୋଇ ଉଡୁଥିବା ଚଢ଼େଇଙ୍କ ଭିତରେ ଆଗରେ ଥିବା ଚଢ଼େଇ ଅନ୍ୟ ପକ୍ଷୀଙ୍କୁ ଲିଡ କରେ। ଯେବେ ସେ ଥକିଯାଏ ଅନ୍ୟ ଚଢ଼େଇମାନେ ବେଶି ଭି ଆକାରରେ ଉଡନ୍ତି ଯେଉଁମାନେ ଲମ୍ବା ଯାତ୍ରା କରିଥାନ୍ତି। ଖାସ କରି ପ୍ରବାସୀ ଚଢ଼େଇମାନେ ଭି ଆକାରରେ ଉଡି ହଜାର ହଜାର କିମି ବାଟ ଅତିକ୍ରମ କରିଥାନ୍ତି।

**ଅପର୍ଣ୍ଣା ନାୟକ**
**ମେନ ସାଗର ପାନ ରୋଡ଼, ନଂ-୩,**
**ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ,**
**ପିନ-୧୧୦୦୪୬**


### ଏହି ସପ୍ତାହ, ସେହି ବର୍ଷ (ଫେବୃଆରୀ ୨୩ - ମାର୍ଚ୍ଚ ୧)

**ଏଇ ସପ୍ତାହ**

ଫେବୃଆରୀ ୨୩, ୨୦୧୦-ଦେଶର ପ୍ରସିଦ୍ଧ ଚିତ୍ରକର ଏମଏଫ୍ ହୁସେନଙ୍କୁ କତର ଦେଶର ନାଗରିକତା ପ୍ରଦାନ କରାଯାଇଥିଲା।




ଫେବୃଆରୀ ୨୪, ୧୮୮୨-ସଂକ୍ରାମକ ରୋଗ ଟିବିର ଚିହ୍ନଟ ହୋଇଥିଲା।




ଫେବୃଆରୀ ୨୫, ୨୦୦୬- ଦୀପା ମେହେତାଙ୍କ ଫିଲ୍ମ 'ୱାଟର୍'କୁ ଗୋଲ୍ଡେନ କିନ୍ନାରୀ ପୁରସ୍କାର ପ୍ରଦାନ କରାଯାଇଥିଲା।



ଫେବୃଆରୀ ୨୬, ୧୯୭୫-ଅହମଦାବାଦ ଠାରେ ଦେଶର ପ୍ରଥମ ପତଙ୍ଗ (ଗୁଡ଼ି) ସଂଗ୍ରହାଳୟର ଉଦ୍ଘାଟନ ହୋଇଥିଲା।



ଫେବୃଆରୀ ୨୭, ୧୯୫୬-ମିସ୍ରରେ ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ମିଳିଥିଲା।




ଫେବୃଆରୀ ୨୮, ୧୮୧୯- ସାର୍ ଷ୍ଟାମ୍ଫୋର୍ଡ ରାଫଲ୍ସ ସିଙ୍ଗାପୁରର ଅନ୍ୱେଷଣ କରିଥିଲେ।



ମାର୍ଚ୍ଚ ୧, ୧୯୨୮- ବୈଜ୍ଞାନିକ ସିଭି ରମଣ ଆଲୋକ ବିବର୍ତ୍ତନର ରିସର୍ଚ୍ଚକୁ ଦୁନିଆ ସମ୍ମୁଖରେ ପେଶ୍ କରିଥିଲେ।




# କାରରେ ଉଡିଲେ ଆଇନଷ୍ଟାଇନ !



ପହିଲା ବସର ଥଣ୍ଡା ପବନରେ ସମସ୍ତ ଅଧିବାସୀ ନିଘୋଡ ନିଦରେ ବିଶ୍ରାମ ନେଉଥିବା ବେଳେ ନ୍ୟୁୟର୍କ ମହାନଗରୀର ବିଶ୍ୱବିଖ୍ୟାତ 'ବାର୍ଣ୍ଣର ବ୍ରଦର୍ସ ଷ୍ଟୁଡିଓ' ସକାଳୁ ସକାଳୁ ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା । ଷ୍ଟୁଡିଓର ମାଲିକ ମିଃ ବାର୍ଣ୍ଣର ନିଜେ ଚାରିଆଡ ବୁଲି ପ୍ରତି ସେକ୍ସନର ଟେକନିସିଆନ, ଇଂଜିନିୟର, କର୍ମଚାରୀ ଓ ଆର୍ଟିଷ୍ଟ ମାନଙ୍କୁ ସେମାନଙ୍କର କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇବାରେ ଲାଗିଥିଲେ । ସଭିଏଁ ନିଜ ନିଜର ଦାୟିତ୍ୱ ନିର୍ଭୁଲ ଭାବେ ସଂପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ । କାରଣ ସେଦିନ ନୋବେଲ ପୁରସ୍କାର ବିଜୟୀ ବିଶ୍ୱ ବିଖ୍ୟାତ ବୈଜ୍ଞାନୀକ ଆଲବର୍ଟ ଆଇନଷ୍ଟାଇନଙ୍କର ଏହି ଷ୍ଟୁଡିଓ ପରିଦର୍ଶନ କରିବାର ଥିଲା । ସେଥିପାଇଁ ନିଜେ ବାର୍ଣ୍ଣର ତାଙ୍କର ସମସ୍ତ ଷ୍ଟାଫଙ୍କ ସହ ଷ୍ଟୁଡିଓର ପ୍ରବେଶ ଦ୍ୱାରରେ ଏହି ବିଶେଷ ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଥିଲେ । ସେ ଦିନ ଥିଲା ୧୯୩୧ ମସିହା ଫେବୃଆରୀ ମାସ ୩ ତାରିଖ ।



ପରିଶେଷରେ ଅତିଥିମାନେ ଆସିଗଲେ । ଆଇନଷ୍ଟାଇନଙ୍କ ଖ୍ୟାତି ସେତେବେଳକ ସମଗ୍ର ବିଶ୍ୱରେ ବ୍ୟାପି ଯାଇଥିଲା । ସେଠାରେ ଉପସ୍ଥିତ ବିଶାଳ ଭିଡ ଆଶ୍ଚର୍ଯ୍ୟ ଚକିତ ଭାବେ ଫୁର୍ ଫୁର୍ ଉଡୁଥିବା ଓ ସୂର୍ଯ୍ୟାଲୋକରେ ଚକ୍ ଚକ୍ କରୁଥିବା ଶୁକ୍ଳ କେଶଧାରୀ ଶାନ୍ତ ସରଳ ବିଶ୍ୱବିଖ୍ୟାତ ବୈଜ୍ଞାନୀକ ଆଇନଷ୍ଟାଇନ ଓ ତାଙ୍କ ସାଥିରେ ଥିବା ସାଦାସିଧା ମାତ୍ର ସୁରୁଚୀ ସମ୍ପନ୍ନ ପୋଷାକ ପରିହିତା ପତ୍ନି ଏଲ୍‌ସାଙ୍କୁ ଅପଲକ ନୟନରେ ଚାହିଁ ରହିଥିଲେ । ମିଃ ବାର୍ଣ୍ଣର ଅତିଥି ମାନଙ୍କ ସହିତ ଷ୍ଟୁଡିଓ ଭିତରକୁ ପ୍ରବେଶ କରିବା ସମୟରେ ଆଇନଷ୍ଟାଇନ ତାଙ୍କୁ କେତେଗୁଡିଏ ପ୍ରଶ୍ନ ପଚାରିଥିଲେ । ଉପସ୍ଥିତ ଦୋଭାଷୀ କର୍ମଚାରୀ ଅତିଥିଙ୍କୁ ଜର୍ମାନ ଭାଷାରେ ପ୍ରତିପ୍ରଶ୍ନର ଉତ୍ତର ଦେବା ପରେ ସେମାନଙ୍କୁ ଏକ ଉଚ ମଞ୍ଚ ଉପରେ ରଖା ଯାଇଥିବା ଗୋଟିଏ 'ଟି' ମଡେଲ ଖୋଲା ଫୋର୍ଡକାର୍ ନିକଟକୁ ନିଆଗଲା । ଜଣେ ବିଶେଷଜ୍ଞ କାରରେ ବସି ସେ ଦୁହିଁଙ୍କୁ କଣ କରିବାକୁ ପଡିବ ବୁଝାଇ ଦେଲେ ଏବଂ ବସିବା ପାଇଁ ଅନୁରୋଧ କଲେ । ବିଚରା ବୈଜ୍ଞାନୀକ କିଛି ବୁଝି ନପାରି ପିଲାଙ୍କ ଭଳି ଏଣେ ତେଣେ ଚାହୁଁଥିଲେ କାରଣ ସେ କାର ଡ୍ରାଇଭିଂ ଜାଣି ନଥିଲେ । ଶେଷରେ ବାଧ୍ୟ ହୋଇ ପତ୍ନିଙ୍କ ହାତ ଧରି କାରରେ ବସି ଷ୍ଟିଅରିଂ ଧରିଲେ । ପାଖରେ ବସିଥିଲେ ଏଲିସା । ଅନ୍ୟ ଜଣେ ବିଶେଷଜ୍ଞ ଦୁହିଁଙ୍କୁ ଅନୁରୋଧ କରି କହିଲେ, ଆପଣ ଷ୍ଟିଅରିଂକୁ ଧରି ଏପଟ ସେପଟ କରନ୍ତୁ, ତିନି ଆଡକୁ ଚାହାନ୍ତୁ ଯେପରି ଦୁହେଁ ଭ୍ରମଣରେ ବାହାରିଛନ୍ତି । ବିଶେଷ ଅନୁରୋଧ, ଦୟାକରି ପଛରେ ଲାଗିଥିବା ପରଦାକୁ ଆଦୌ ଚାହିଁବେ ନାହିଁ ।



ଦୁହେଁ ମୁଣ୍ଡ ହଲାଇଲେ । କାର ସହିତ କେତେଗୁଡିଏ ପତଳା ତାର ବନ୍ଧା ହୋଇଥିଲା ଯାହାକୁ ଦୂରରେ ରହି କେତେଜଣ କର୍ମଚାରୀ ଏପଟ ସେପଟ କରି ଟାଣୁଥିଲେ । କାରଟା ବାମ, ଡାହାଣ ଏବଂ ଉପର ତଳ ହୋଇ ହଲୁଥିଲା । ଦୁଇଟା ବଡ ବଡ ପଙ୍ଖା ଚଳାଇ ତା' ଆଗରେ ଧୁଆଁ ଛାଡି ଦିଆଗଲା । ଫଳରେ ଅତିଥି ଦ୍ୱୟଙ୍କ ମୁଣ୍ଡର ବାଳ ଫୁରୁ ଫୁରୁ ହୋଇ ଉଡିବାରେ ଲାଗିଲା । କାର ହଲିବା ଫଳରେ ଡର ଲାଗିବାରୁ ପ୍ରଫେସର ଷ୍ଟିଅରିଂକୁ ଜୋରରେ ଧରିଥିଲା ବେଳେ ଏଲିସା ଦମ୍ଭ ଧରି ବସିଥିଲେ । ଅତ୍ୟଧିକ ଆଲୋକ କାରଣରୁ ଦୁହିଙ୍କ ଆଖି ଝଲସି ଯାଉଥିଲା । ନିର୍ଦ୍ଦେଶ ମୁତାବକ ସେମାନେ କେବେହେଁ ପଛକୁ ଚାହୁଁ ନଥିଲେ । କିଛି ସମୟ ପରେ ହଠାତ୍ ଚାରିଆଡ ଅନ୍ଧାର ହୋଇଗଲା । ପଙ୍ଖା ବନ୍ଦ ହୋଇଗଲା । ହଲୁଥିବା କାର ସ୍ଥିର ହେଲା । ଅତିଥି ଦ୍ୱୟଙ୍କୁ କାରରୁ ଓହ୍ଲାଇ ଷ୍ଟେଜ ଉପରକୁ ନିଆଗଲା ବେଳେ ଆଇନଷ୍ଟାଇନ ଓ ଏଲିସା କିଛି ବୁଝି ନପାରି ଏଣେ ତେଣେ ଆବା କାବା ଚାହୁଁଥିଲେ । କିଛିସମୟ ପରେ ମିଃ ବାର୍ଣ୍ଣରଙ୍କ ସହିତ ଅତିଥିମାନେ ମଧ୍ୟାହ୍ନ ଭେଜନ ପାଇଁ ଚାଲିଗଲେ । ଫିଲ୍ମଟିକୁ ତୁରନ୍ତ ଡେଭ୍‌ଲପ କରିବା ପାଇଁ ଲାବରେଟରିକୁ ପଠାଇ ଦିଆଗଲା । ମଧ୍ୟାହ୍ନ ଭୋଜନ ପରେ ସେମାନଙ୍କୁ ପାଖରେ ଥିବା ମୁଖ୍ୟ ଥିଏଟରକୁ ନିଆଯାଇ ଭିଆଇପି ସିଟରେ ବସାଇ ଦିଆଗଲା । ହଲ ଅନ୍ଧାର ହେବା ପରେ ସାମନାରେ ଥିବା ସ୍କ୍ରିନ ଉପରେ ସେହି ପୁରୁଣାଟି ମଡେଲ କାର ଦେଖାଗଲା । ଆଇନଷ୍ଟାଇନ କାର ଚଳାଉଥିଲେ ଓ ପାଖରେ ଏଲ୍‌ସା ବସିଥିଲେ । ହଠାତ୍ ପରଦା ଉପରର ଦୃଶ୍ୟ ବଦଳିଗଲା । କାରଟା ନିଆଗ୍ରା କଳପ୍ରପାତ ଉପରେ ଉଡିଲା । ନ୍ୟୁୟର୍କ ମହାନଗରୀର ଗଗନ ସ୍ପର୍ଶ କରୁଥିବା ଅଟାଳିକା ଓ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପରେ ଉଡି ଚାଲିଲା । କେତୋଟି ମୂହୁର୍ତ୍ତ ପରେ ନିଉ ଜର୍ସିର ଡାଇଭ୍ ବୋର୍ଡ ଆଡକୁ ଲମ୍ଫ ଦେଇ ଆରିଜୋନାର ଗ୍ରାଣ୍ଡ କେନିୟନ ଭିଲେଜ ଓ ଜାତୀୟ ଉଦ୍ୟାନର ଖୁବ୍ ପାଖ ଦେଇ ଉଡୁ ଉଡୁ ହଠାତ୍ ଉପରକୁ ଉଠି ଘନ ବାଦଲ ତଳ ଦେଇ ଭାସିବାରେ ଲାଗିଲା । କିଛି ସମୟ ପରେ ତଳକୁ ଖସି ବରବ୍ୟାଙ୍କ୍ ଠାରେ ଥିବା ବାର୍ଣ୍ଣର ବ୍ରଦର୍ସ ଷ୍ଟୁଡିଓର ଉପର ଆକାଶରେ ଉଡିବାରେ ଲାଗିଲା ।



ଏହି ଆଶ୍ଚର୍ଯ୍ୟ ଜନକ ଦୃଶ୍ୟ ଥିଲା ଷ୍ଟୁଡିଓ ଟେକନିସିଆନ୍ ମାନଙ୍କର ଶବ୍ଦ, ଆଲୋକ ଓ ଚିତ୍ରଗ୍ରହଣ କଳାର ଅଦ୍ଭୁତ କରାମତି । ଥିଏଟର ଆଲୋକିତ ହେବାପରେ ସମସ୍ତେ ବୈଜ୍ଞାନୀକ ଦମ୍ପତିଙ୍କୁ ଚାହିଁଥିଲେ । ମନ୍ଦ ମନ୍ଦ ହସୁଥିବା ପ୍ରଫେସର ହଠାତ୍ ଛୋଟ ପିଲାଙ୍କ ଭଳି କିରି କିରି ହୋଇ ହସି ଉଠିଲେ । ଏଲସା ଖୁସିରେ ତାଳି ମାରିଲେ । ଦୁହେଁ ମନଭରି ପ୍ରଶଂସା କରିଚାଲି ଥିଲେ ଷ୍ଟୁଡିଓ ଓ ଏହାର ଟେକ୍ନିସିଆନ ମାନଙ୍କୁ । ଆଇନଷ୍ଟାଇନଙ୍କ ଆଖିରେ ଚମକ୍ ଖେଳି ଯାଉଥିଲା । ସେ ଜର୍ମାନ ଭାଷାରେ କିଛି କହୁଥିଲେ, ଯାହାକି କେହି ବୁଝି ପାରୁ ନଥିଲେ । ସହାୟକ କହିଲେ ପ୍ରଫେସର କହୁଛନ୍ତି, 'ମୁଁ ବୁଝି ପାରୁନି ଉପରେ କେମିତି ଉଡୁଥିଲି ? ଆପଣମାନେ ଏହା କଲେ କେମିତି ? ଆଶ୍ଚର୍ଯ୍ୟ ।' ଏହାଥିଲା ନୋବେଲ ବିଜେତା ବିଶ୍ୱବିଖ୍ୟାତ ବୈଜ୍ଞାନୀକଙ୍କ ନିଜସ୍ୱ ଉଦ୍‌ଭାବନ 'ଥିଓରୀ ଅଫ୍ ରିଲେଟିଭିଟି'ର ଏକ କ୍ଷୁଦ୍ର ପ୍ରୟୋଗ, 'ଆମେ ଯାହା ଦେଖୁଚେ ତାହା ସବୁବେଳେ ସତ୍ୟ ନୁହେଁ , ଯାହା ଦେଖୁନାହୁଁ ତାହା ମଧ୍ୟ ମିଥ୍ୟା ନୁହେଁ ।' ଷ୍ଟୁଡିଓ ବାହାରକୁ ଆସିଲା ବେଳେ ଏହି ବିଶ୍ୱବିଖ୍ୟାତ ବୈଜ୍ଞାନୀକଙ୍କ ମୁହଁରୁ କିପରି ଗୋଟିଏ ଆଭା ଫୁଟି ଉଠୁଥିଲା । ସେ ପିଲାଙ୍କ ଭଳି ହସୁଥିଲେ ।

୧୯୩୧ ଫେବୃଆରୀ ୩ ତାରିଖରେ ବାର୍ଣ୍ଣର ବ୍ରଦର୍ସ ଷ୍ଟୁଡିଓରେ ନିର୍ମିତ ମାତ୍ର କେଇ ମିନିଟର ଏହି କ୍ଷୁଦ୍ର ଫିଲ୍ମ ସଂବନ୍ଧରେ ବିଶ୍ୱବାସୀ ୨୦୧୮ ପର୍ଯ୍ୟନ୍ତ କିଛି ଜାଣି ନଥିଲେ । କାରଣ ସୁଟିଂ ପରେ ଏହାର ମାଷ୍ଟର କପି ନଷ୍ଟ କରି ଦିଆଯାଇଥିଲା । ଯଦିଓ ଫିଲ୍ମଟିର ଅନ୍ୟ ଏକ କପି ଷ୍ଟୁଡିଓ ତରଫରୁ ଆଇନଷ୍ଟାଇନଙ୍କୁ ଦିଆଯାଇଥିଲା, ତାହା କେହି ଖୋଜି ପାଉ ନଥିଲେ । ମାତ୍ର ୨୦୧୮ ମସିହାରେ ଆମେରୀକାର 'ଲିଙ୍କନ ସେଣ୍ଟର'ରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ଲାଇବ୍ରେରୀରୁ ଏହି ଫିଲ୍ମଟିକୁ ପାଇଥିଲେ । ଫଳରେ ସମଗ୍ର ବିଶ୍ୱ ଏହି ବିରଳ ଚିତ୍ରଟିକୁ ଦେଖିବାର ସୁଯୋଗ ପାଇଲେ ।



**ପ୍ରସନ୍ନ କୁମାର ମିଶ୍ର, ପୁରୀ-୨**
**ମୋ -୮୦୧୮୮୭୫୩୩୫**

# କୁମ୍ଭ ସ୍ନାନର ମହତ୍ତ୍ୱ ଓ ବିଶେଷତ୍ୱ

**ଯୁଧିଷ୍ଠିର ମହାରଣା**



ସ୍ନାନ କାହିଁକି : ପବିତ୍ର କୁମ୍ଭ ସ୍ନାନ ପଛରେ ବହୁ ଗଭୀର ମହତ୍ତ୍ୱ ରହିଛି । ସମୁଦ୍ର ମନ୍ଥନ ସମୟରେ ଦେବତା ଓ ଅସୁରମାନେ ପରସ୍ପର ଏକତାର ବନ୍ଧନରେ ବାନ୍ଧି ହୋଇଥିଲେ । ଉକ୍ତ ମନ୍ଥନରୁ ନିଃସୃତ ଅମୃତ ପାନ କରି ଅମର ହେବା ସୂଚନା ଥିବାରୁ ଉଭୟ ଦେବତା ଓ ଅସୁରମାନେ ଏହି ଅମୃତ କୁମ୍ଭକୁ ଛଡ଼ାଛଡ଼ି କରିଥିଲେ । ଏହାଫଳରେ ବିଭିନ୍ନ ସ୍ଥାନରେ କିଛି କିଛି ଅମୃତ ଢ଼ାଳି ହୋଇଯାଇଥିଲା, ଯାହାକୁ ଭିତ୍ତିକରି ଅମୃତ ପ୍ରାପ୍ତି ଉଦ୍ଦେଶ୍ୟରେ ସେହି ସେହି ସ୍ଥାନଗୁଡ଼ିକରେ କୁମ୍ଭ ସ୍ନାନର ଏହି ମହାପର୍ବ ପାଳିତ ହୋଇଆସୁଛି ।

କୁମ୍ଭ ସ୍ନାନର ପୌରାଣିକ ତାତ୍ପର୍ଯ୍ୟ : ସାଗର ମନ୍ଥନରୁ ମିଳିଥିବା ଅମୃତ କଳସ ପାଇବା ପାଇଁ ଦେବତା ଓ ରାକ୍ଷାସମାନଙ୍କ ମଧ୍ୟରେ ମହାସଂଗ୍ରାମ ସୃଷ୍ଟି ହୋଇଥିଲା । ଶେଷରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କ ଦାୟିତ୍ୱରେ ସେହି ଅମୃତ କଳସକୁ ଛାଡ଼ି ଦିଆଗଲା । ଏହି ତିନି ଦେବ ଅସୁରଙ୍କୁ ଲୁଚାଇ ଅମୃତ କଳସ ନେଇଗଲେ । ତେଣୁ ଯେଉଁ ରାଶିରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତି ଗତି କରୁଥିଲେ ସେହି ହିସାବରେ ପୃଥିବୀର ଯେଉଁ ଅଂଶରେ ସେମାନଙ୍କର ବିଶେଷ ଦୃଷ୍ଟି ଥିଲା ତାହା କୁମ୍ଭ ଯୋଗ ରୂପେ ପରିଗଣିତ ହେଲା । ଦେବଦାନବ ବିବାଦ ସମୟରେ ପୃଥିବୀର ଯେଉଁ ଭାଗରେ ଯେଉଁ ସମୟରେ ଅମୃତ କଳସର ଛିଟିକା ପଡ଼ିଥିଲା ସେହି ସମୟକୁ ସେହି ସ୍ଥାନର କୁମ୍ଭ ଯୋଗ କୁହାଗଲା ।

କୁମ୍ଭଯୋଗ : ହରିଦ୍ୱାର, ପ୍ରୟାଗ (ଧାରାନଗରୀ), ଉଜ୍ଜୟିନୀ ଓ ଗୋଦାବରୀ ତଟ (ତ୍ରୟମ୍ବକ) - ଏହି ଚାରି ସ୍ଥାନରେ ମହା କୁମ୍ଭମେଳା ହେବାର ବର୍ଣ୍ଣନା ଅଛି, କିନ୍ତୁ ଏହାର ସମୟ ଓ ସ୍ନାନ ଯୋଗ ସ୍ୱତନ୍ତ୍ର ।



ଏହି ପ୍ରସିଦ୍ଧ ତୀର୍ଥସ୍ଥଳୀଗୁଡ଼ିକରେ ପ୍ରତି ୧୨ବର୍ଷ ପରେ ପଡୁଥିବା ମହାକୁମ୍ଭ ଯୋଗ ମହାନ୍ ଶୁଭ ଫଳଦାୟକ ହୋଇଥାଏ । ବୃହସ୍ପତି ଥରେ ରାଶିଚକ୍ର ଭ୍ରମଣ କରିବା ପାଇଁ ହାରାହାରି ୧୨ରୁ ୧୩ ବର୍ଷ ସମୟ ନେଇଥାନ୍ତି । ଯେଉଁଥିପାଇଁ ପ୍ରତି ୧୨ ବର୍ଷରେ ଏକ ଯୁଗ୍ମ ସଂଗଠିତ ହୋଇଥାଏ ଏବଂ ଏହି ସ୍ନାନ ପ୍ରତି ୧୨ ବର୍ଷରେ ପୁନରାୟ ପାଳିତ ହୋଇଥାଏ ।



କୁମ୍ଭ ସ୍ନାନର ସାମାଜିକ ତାତ୍ପର୍ଯ୍ୟ : କୁମ୍ଭର କଳ୍ପନା ଏବଂ ଆଖ୍ୟାନ ସହିତ ପ୍ରଥମରୁ ଏକତାର ଭାବନା ସଂଶ୍ଳିଷ୍ଟ । ଦେବତା ଓ ରାକ୍ଷସ ଦୁଇ ବିପରୀତ ବିଚାରଧର୍ମୀଙ୍କ ମଧ୍ୟରେ ଅମୃତପ୍ରାପ୍ତି ଉଦ୍ଦେଶ୍ୟରେ ଦିନେ ଏକ ମହାନ୍ ଏକତା ଦେଖାଦେଇଥିଲା । ଯାହା ଆଜି ମଧ୍ୟ ଆମକୁ ପ୍ରେରଣା ଦିଏ ଯେ ଏକ ମହତ୍ ଉଦ୍ଦେଶ୍ୟ ପାଇଁ ବହୁ କ୍ଷୁଦ୍ରତର ସ୍ୱାର୍ଥର ବଳି ଦିଆଯାଇପାରେ । ଆମ ସଂସ୍କୃତିକୁ ଏହ ଅତ୍ୟନ୍ତ ପ୍ରଭାବିତ କରିଥିବାରୁ 'ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ'ର ଗାଥା ଆଜି ମଧ୍ୟ ପୃଥିବୀକୁ ଅବିଦିତ ନୁହେଁ । ପୁନଶ୍ଚ ଅମୃତ କୁମ୍ଭରୁ ଉଦ୍ଧାର କରାଯାଇଥିବା ଅମୃତ ପାନକରି ଦେବତାମାନେ ବଳଶାଳୀ ହୋଇଥିଲେ । ସେହିପରି ଏହି ପୁଣ୍ୟ ତୀର୍ଥରେ ସ୍ନାନକରି ମନୁଷ୍ୟ ଭିତରେ ଥିବା ଦେବତ୍ୱ ପ୍ରକାଶ ଉଦ୍ଦେଶ୍ୟରେ ଏହି ସ୍ନାନର ମହତ୍ୱ ଅତ୍ୟଧିକ । ସେଥିପାଇଁ ମନୁଷ୍ୟକୁ 'ଅମୃତସ୍ୟ ପୁତ୍ରଃ' କୁହାଯାଇଛି ।

ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚାରି ବିଭାବରୁ ଯିଏ ଗୋଟିଏ ବି ବିଭାବ ଅର୍ଜନ କରିନପାରେ ତା' ଜୀବନ ନିରର୍ଥକ । ଏହାମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । ଶାସ୍ତ୍ରଗୁଡ଼ିକରେ ଯେଉଁଠାରେ କୁମ୍ଭର ବର୍ଣ୍ଣନା କରାଯାଉଛି ସେଠାରେ ଏହି ଚାରି ପଦାର୍ଥର ପ୍ରାପ୍ତି ଉଲ୍ଲେଖ କରାଯାଇଛି । ମହାକୁମ୍ଭପର୍ବ ଓ ଏହାର ସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । ଧର୍ମ ସମସ୍ତ ଶ୍ରେଷ୍ଠତାର ମୂଳ ଏବଂ ଜଗତରେ ସମସ୍ତ ଚଳଚଞ୍ଚଳ ଥିବାବେଳେ ଧର୍ମ ହିଁ ଏକମାତ୍ର ନିଶ୍ଚଳ ।



କୁମ୍ଭ ପର୍ବରେ ବିଧିବିଧାନ ପୂର୍ବକ ସ୍ନାନ, ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ପୁଣ୍ୟ ପ୍ରାପ୍ତି ହୁଏ । ପରଲୋକ ମୁକ୍ତି ହୁଏ ଏବଂ ଜୀବନର ସମସ୍ତ ବାସନା ପୂରଣ ହୋଇ ସୁଖ ସମୃଦ୍ଧି ପ୍ରାପ୍ତି ହୋଇଥାଏ । ଯେଉଁ ବ୍ୟକ୍ତ କୁମ୍ଭ ମହାପର୍ବରେ ସମ୍ମିଳିତ ହୋଇ ସ୍ନାନ କରେ ସେ ସଂସାର ବନ୍ଧନରୁ ମୁକ୍ତ ହୋଇ ଅମୃତତ୍ୱ ପ୍ରାପ୍ତ ହୁଏ । ତାହା ସମ୍ମୁଖରେ ଦେବତାଗଣ ନତମସ୍ତକ ହୁଅନ୍ତି ଯେପରି ଧନାଢ଼୍ୟ ବ୍ୟକ୍ତି ସମ୍ମୁଖରେ ନିର୍ଦ୍ଧନ ଶିରନତ କରିଥାଏ ।

କୁମ୍ଭ ସ୍ନାନର ଐତିହାସିକ ତାତ୍ପର୍ଯ୍ୟ

କୁମ୍ଭ ସ୍ନାନର ଐତିହାସିକ ପୃଷ୍ଠଭୂମି ଖୋଜିବସିଲେ ଗୁପ୍ତଯୁଗରୁ (୩୨୦ ଖ୍ରୀ.ଅ. - ୬୨୦ ଖ୍ରୀ.ଅ.) ବିଶେଷକରି ହର୍ଷବର୍ଦ୍ଧନଙ୍କ ସମୟରୁ (୬୧୨ ଖ୍ରୀ.ଅ. - ୬୪୭ ଖ୍ରୀ.ଅ.) ଗଡ୍ଡାଳିକା ପ୍ରବାହରେ ଅଦ୍ୟାବଧି ଗଡ଼ି ଆସିଥିବାର କେତକ ତଥ୍ୟ ମିଳେ । ଚୀନ୍ ପରିବ୍ରାଜକ ହୁଏନସାଂ ମଧ୍ୟ ଏଇ ସ୍ନାନ ସମ୍ପର୍କରେ କେତେକ ତଥ୍ୟ ପ୍ରଦାନ କରିବାକୁ ଭୁଲି ନାହାନ୍ତି । ସେ କୁହନ୍ତି ଯେ ରାଜାମାନେ ଦୀର୍ଘ ବର୍ଷ ବର୍ଷ ଧରି ଏ ଅବସରରେ ବ୍ରାହ୍ମଣ, ଜ୍ଞାନୀ, ସାଧୁସନ୍ଥ, ଅସହାୟ ଓ ଦରିଦ୍ରମାନଙ୍କୁ ଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରୁଥିଲେ ଏବଂ ଏହି ପବିତ୍ର ସ୍ନାନ ଅବସରରେ ସ୍ନାନାନ୍ତେ ସେମାନେ ଏ ସମ୍ପତ୍ତିମାନ ଦାନ କରି ଆନନ୍ଦ ଅନୁଭବ କରୁଥିଲେ । ଏପରିକି ସମ୍ରାଟ ହର୍ଷବର୍ଦ୍ଧନ ମଧ୍ୟ ଏଥିରୁ ବାଦ୍ ପଡୁନଥିଲେ । ସେ ପ୍ରତି ୫/୬ ବର୍ଷରେ ଥରେ ଏହି ତୀର୍ଥରେ ସନାତନ ଧର୍ମାବଲମ୍ବୀ ବିଦ୍ୱାନମାନଙ୍କର ସମ୍ମିଳନୀ କରୁଥିଲେ, ଯେଉଁଥିରେ ବିଶେଷ ଭାବରେ ଧର୍ମଚର୍ଚ୍ଚା ଓ ଦାନଧର୍ମ କରାଯାଉଥିଲା । ସେଥିରୁ କୁମ୍ଭର ସୂତ୍ରପାତ ହେଲା ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
E-mail : judhister009moharana@gmail.com





ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ଯାତ୍ରା ପାଇଁ ବାଧକ ସାଜିଛି ପରୀକ୍ଷା



ଖଣ୍ଡଗିରି ମେଳା ଖୁବ ଉତ୍ସାହ ସହିତ ସରିବା ପରେ ଏବେ ଓଡ଼ିଶାରେ ଯାତ୍ରା ପାଇଁ ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷା ଚାଲିଥିବାରୁ ବିଭିନ୍ନ ଆଡ଼େ ଜିଲ୍ଲା ପ୍ରଶାସନ ଯାତ୍ରା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ସବୁ ଜିଲ୍ଲା ନୁହେଁ କେତେକ ଜିଲ୍ଲାର ଜିଲ୍ଲାପାଳ କୌଣସି ରିକ୍ସ ନନେବାକୁ ଏଭଳି ପ୍ରୟାସ କରିଛନ୍ତି। ଯାତ୍ରା ହେବକି ନହେବ, ତାହା ସମ୍ପୂର୍ଣ୍ଣ ଜିଲ୍ଲାପାଳଙ୍କ ହାତରେ କ୍ଷମତା ରହିଥିବାରୁ ନିଷ୍ପତ୍ତି କେଉଁଠି କଣ ନିଆଯାଉଛି, ତାହା ଜଣାପଡୁନାହିଁ। ଅନେକ ଜିଲ୍ଲାରେ ଯାତ୍ରା ପାଇଁ ଅନୁମତି ଥିବାବେଳେ ଅନେକ ଜିଲ୍ଲା ସମ୍ପୂର୍ଣ୍ଣ ବନ୍ଦ। ଜିଲ୍ଲାପାଳଙ୍କ ହାତରେ କ୍ଷମତା ଥିବାରୁ ଯାତ୍ରା ପ୍ରତି ଓଡ଼ିଶାରେ ଏକପ୍ରକାର ପାତରଅନ୍ତର ପରିସ୍ଥିତି ସୃଷ୍ଟି ହୋଇଛି। ପରୀକ୍ଷା ସମୟରେ ଯାତ୍ରା ଅନୁମତି ଦେବାକୁ ଜିଲ୍ଲାପାଳଙ୍କ ହାତରେ ସ୍ୱତନ୍ତ୍ର କ୍ଷମତା ଥିବାବେଳେ କେଉଁ ସ୍ଥାନରେ ଅନୁମତି ଦିଆଯିବା ଦରକାର ଓ କେଉଁ ସ୍ଥାନରେ ଦିଆଯିବା ଉଚିତ ନୁହେଁ ସ୍ଥିତି ପରଖି ଦେବା କଥା। ଯାତ୍ରା ଭଳି ମନୋରଞ୍ଜନର ଏକ ବୃହତ ଅନୁଷ୍ଠାନ ଯଦି ଜିଲ୍ଲାପାଳଙ୍କ ନିଷ୍ପତ୍ତିରେ ବନ୍ଦ ରହେ, ଅନେକ କଳାକାର କେବଳ ହଇରାଣ ହେବେନାହିଁ ବରଂ ଅନେକ ଯାତ୍ରା କମିଟି କ୍ଷତି ସହିବାକୁ ବାଧ୍ୟ ହେବେ। ଯାତ୍ରା କମିଟି କ୍ଷତି ସହିଲେ ପାର୍ଟି କ୍ଷତି ସହିବା ସହିତ କଳାକାର ମଧ୍ୟ ତଦନୁରୂପେ କ୍ଷତି ସହିବେ। ଯାତ୍ରା ଉପରେ ନିର୍ଭର କରୁଥିବା ହଜାର ହଜାର କଳାକାରଙ୍କ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହେବେ।

ବିଶେଷକରି ଫେବୃଆରୀ-ମାର୍ଚ୍ଚ ମାସରେ ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ରହୁଥିବାରୁ ଅନେକ ସ୍ଥାନରେ ଯାତ୍ରା କମିଟିମାନେ ଯାତ୍ରା ଆୟୋଜନ କରିବା ସହ ମେଳାକୁ ଆଉ ଟିକେ ସରସ ସୁନ୍ଦର କରିଥାନ୍ତି। ଏହି ମେଳାରେ ହଜାର ହଜାର ଲୋକ ଯାତ୍ରାକୁ ମନୋରଞ୍ଜନ ଭାବରେ ନେଇଥାନ୍ତି। ଯାତ୍ରା ଯେଉଁ ଅଞ୍ଚଳରେ ବନ୍ଦ ହେବା ନେଇ ଜିଲ୍ଲାପାଳ ନୋଟିସ ଜାରି କରିଛନ୍ତି, ସେସବୁ ଅଞ୍ଚଳରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଯଦି ଜନଅସନ୍ତୋଷ ସୃଷ୍ଟି ହୁଏ, ଏହା ମଧ୍ୟ ପ୍ରଶାସନ ପାଇଁ ଅଡୁଆ ସୃଷ୍ଟି କରିପାରେ। ଜିଲ୍ଲାପାଳଙ୍କ ହାତରେ ଯେଉଁ କ୍ଷମତା ରହିଛି, କେବଳ ଆଖି ବୁଜି ନୁହେଁ ପ୍ରକୃତ ଘଟଣା ବାବଦରେ ଅବଗତ ହୋଇ ଯାତ୍ରାକୁ ପରିବେଷଣ କରିବାକୁ ଅନୁମତି ଦିଆଯିବା ଦରକାର। କାଦୁଅକୁ ପଶୁଛି କିଏ... ନା ଗୋଡ଼ ଧୋଉଛି କିଏ ନ୍ୟାୟରେ ଯଦି ଯାତ୍ରାକୁ ବନ୍ଦ କରିଦିଆଯାଏ, ଆର୍ଥିକ, ସାଂସ୍କୃତିକ, ସାମାଜିକ ବାତାବରଣ ନଷ୍ଟ ହେବାର ସମ୍ଭାବନା ରହିଛି। ଯାତ୍ରାକୁ ଅନୁମତି ଦେବା ପୂର୍ବରୁ ଜିଲ୍ଲାପାଳ ନିଜେ ତଦନ୍ତ କରନ୍ତୁ, ଯାତ୍ରା କମିଟି ଠାରୁ ହାଇସ୍କୁଲ କି କଲେଜ କେତେ ଦୂରରେ ଅବସ୍ଥିତ। ଯଦି ଗାଇଡ୍‌ଲାଇନ୍ ଅନୁସାରେ କେତେ ଦୂରତାରେ ଯାତ୍ରା ହେଲେ ଅନୁମତି ଦେଇଦେବ, ଜିଲ୍ଲାପାଳ ନିଜେ ସ୍ଥିତି ପରଖି ଅନୁମତି ଦେବା ଦରକାର। ଅନେକ ସ୍ଥାନ ରହିଛି, ଯେଉଁଠାରେ ସ୍କୁଲ କି କଲେଜ ପାଖରେ ନାହିଁ କିନ୍ତୁ ଅନୁମତି ଜିଲ୍ଲାପାଳ ଦେଉନାହାନ୍ତି। ବଡ଼କଥା ହେଲା ଯାତ୍ରା ରାତିରେ ପରିବେଷଣ ହେବା ସହିତ ଏହାର ସ୍ୱତନ୍ତ୍ର ଅଡିଟୋରିୟମ ରହିଛି। ପରୀକ୍ଷା ଦେଉଥିବା ପିଲାମାନେ ଯାତ୍ରାକୁ ନେଇ ବିଶେଷ ପ୍ରଭାବିତ ହେବେନାହିଁ ବୋଲି ଏକ ନିର୍ଦ୍ଦିଷ୍ଟ ଯାତ୍ରା କମିଟିର କାର୍ଯ୍ୟକାରୀ ସମ୍ପାଦକ ବିଦ୍ୟୁତ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ସେହିଭଳି ଅନ୍ୟଜଣେ ସଚେତନ ନାଗରିକ ତଥା ଯାତ୍ରାପ୍ରେମୀ କହିଛନ୍ତି, ମଣିଷ ସମାଜ ସହିତ ମନୋରଞ୍ଜନ କାହିଁ କେଉଁ କାଳରୁ ରହିଆସିଛି, ସେତେବେଳେ ବି ପରୀକ୍ଷା ହେଉଥିଲା, ଯାତ୍ରା ବି ହେଉଥିଲା। ଏବେ ଯାତ୍ରାକୁ ନେଇ ଏତେ ପ୍ରହସନ କାହିଁକି ?





ପୂଜିତା

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-

‘ନଜର’, ସମ୍ପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com